୬ ଗୌହାଟି ଟେଷ୍ଟରେ ମୁସ୍କିଲ ସ୍ଥିତିରେ ଭାରତ
କ୍ଲିନ୍ ସ୍ୱିପ୍ ଅଭିମୁଖେ ଦକ୍ଷିଣ ଆଫ୍ରିକା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା
TM
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୯୮ ● ୨୬ ନଭେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-298 ● 26th November 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୭,୨୯୩ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ନବନିଯୁକ୍ତଙ୍କୁ ସେବା, ଉତ୍କୃଷ୍ଟତା, ଜ୍ଞାନ ଆହରଣ ଏବଂ ସ୍ୱଚ୍ଛତା ପାଇଁ ଦେଲେ ପରାମର୍ଶ

**ଭୁବନେଶ୍ୱର, ୨୪।୧୧**
**ନ୍ୟୁଜ୍ ବ୍ୟୁରୋ**




ଆପଣମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ସରକାରୀ ଚାକିରୀରେ ଯୋଗ ଦେଉଛନ୍ତି। ତେଣୁ ଆପଣଙ୍କ କର୍ତ୍ତବ୍ୟପଥରେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦ୍ୱାଦଶ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଅବସରରେ ନବନିଯୁକ୍ତଙ୍କୁ ଉପଦେଶ ଦେଇ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାଜ୍ୟ ସରକାରଙ୍କ ୧୨ଟି ବିଭାଗରେ ସମୁଦାୟ ୭୨୯୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏହି ବିଭାଗ ଗୁଡ଼ିକ ମଧ୍ୟରେ ଗୃହ ବିଭାଗରେ ୧୯୭୯ ଜଣ କନଷ୍ଟେବଳ ଓ ୩୮୬ ଜଣ ଡ୍ରାଇଭର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୧୯୧୩ ଜଣ ସ୍ନାତକ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ୨୪୧ ଜଣ ପିଜିଟି, ଉଚ୍ଚଶିକ୍ଷା ବିଭାଗରେ କନିଷ୍ଠ ସହାୟକ, ୭ ଜଣ ପିଇଟି ଏବଂ ୩୧ ଜଣ ଲାବ୍ରୋଟୋରୀ ଆସିଷ୍ଟାଣ୍ଟ କମ୍ ଷ୍ଟୋର କିପର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୪ ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ୬୪୮ ଜଣ ପ୍ରାଣୀଧନ ନିରୀକ୍ଷକ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ୩୯ ଜଣ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟରେ ୧୪ ଜଣ କନିଷ୍ଠ ରସାୟନବିତ୍, ବାଣିଜ୍ୟ ଓ ପରିବହନ ବିଭାଗରେ ୧୭ ଜଣ କନିଷ୍ଠ ଷ୍ଟେନୋଗ୍ରାଫର, (ପୃଷ୍ଠା ୭ରେ)

## ଦିନକ ପରେ ବିଧାନସଭାର ଶୀତ ଅଧିବେଶନ

# ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ଭୁବନେଶ୍ୱର, ୨୪।୧୧**
**ନ୍ୟୁଜ୍ ବ୍ୟୁରୋ**



ଆସନ୍ତା ୨୭ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ଶୀତକାଳୀନ ଅଧିବେଶନ । ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏଥର ବିଧାନସଭା ଅଧିବେଶନରେ ଉଦବୋଧନ ଦେବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏ ନେଇ ବ୍ଲୁବୁକ ଗାଇଡ଼ ଲାଇନ ମୁତାବକ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ପୋଲିସ କମିଶନର୍ ଏସ୍ ଦେବଦତ୍ତ ସିଂ (ପୃଷ୍ଠା ୭ରେ)

# ଶ୍ରୀରାମ ମନ୍ଦିର ଶିଖରରେ ଧ୍ୱଜାରୋହଣ କଲେ ପ୍ରଧାନମନ୍ତ୍ରୀ





**ଅଯୋଧ୍ୟା, ୨୪।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଶ୍ରୀରାମ ମନ୍ଦିର ଶିଖରରେ ଧ୍ୱଜାରୋହଣ କରିଛନ୍ତି। ପୂର୍ବରୁ ଧାର୍ଯ୍ୟ ହୋଇଥିବା ଶୁଭ ମୁହୂର୍ତ୍ତରେ ଏଠାରେ ଶ୍ରୀରାମ ମନ୍ଦିର ଶିଖରରେ ପ୍ରଧାନମନ୍ତ୍ରୀ ମୋଦୀ ଧ୍ୱଜାରୋହଣ କରିଛନ୍ତି । ଦୀର୍ଘ ଦିନର ପ୍ରତୀକ୍ଷା ପରେ ନିର୍ମାଣ ହୋଇଥିବା ଭବ୍ୟ ରାମମନ୍ଦିରର ଶିଖରରେ ଆଜି ଜୟ ଜୟକାର ସହିତ ଗେରୁଆ ରଙ୍ଗର ଧର୍ମ ଧ୍ୱଜା ସ୍ଥାପନ ହୋଇଛି।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ସରସଂଘ (ପୃଷ୍ଠା ୭ରେ)

## ପବିତ୍ର ଓ ଐତିହାସିକ ଦିନ ବୋଲି କହିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୧**
**ନ୍ୟୁଜ୍ ବ୍ୟୁରୋ**

ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ପବିତ୍ର ଓ ଐତିହାସିକ ଦିନ । ଆମ ଆସ୍ଥାର ପ୍ରାଣ କେନ୍ଦ୍ର ଶ୍ରୀ ଅଯୋଧ୍ୟା ଧାମରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା, ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଧର୍ମ-ଧ୍ୱଜା ଆରୋହଣ ମହାସମାରୋହର ସହ ସମ୍ପନ୍ନ ହୋଇଛି। ଏହି ଧ୍ୱଜାରୋହଣ କେବଳ ଏକ ସାଧାରଣ ଅନୁଷ୍ଠାନ ନୁହେଁ। ଏହା ହେଉଛି ବର୍ଷ ବର୍ଷ ଧରି ଚାଲିଥିବା ଆନ୍ଦୋଳନ, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- କେନ୍ଦ୍ରାପଡ଼ାରେ ୮୧,୨୦୦ ମେଟ୍ରିକ୍ ଟନ୍ ଧାନ କ୍ରୟ ଆରମ୍ଭ।
- ଓଡ଼ିଶା ମନ୍ତ୍ରିମଣ୍ଡଳ ପ୍ରତିବର୍ଷ ୨ଟି ନିଯୁକ୍ତି ଅଭିଯାନ ଅନୁମୋଦନ।
- ହାଇକୋର୍ଟ ଅବାଞ୍ଛିତ ପିଆଇ ଏଲ ଉପରେ ୨ ଲକ୍ଷ ଟଙ୍କା ଜରିମାନା।
- ବର୍ଷା ସତର୍କତା: ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଆଦି ଜିଲ୍ଲା ପ୍ରଭାବିତ।
- ଦକ୍ଷିଣ ଆଣ୍ଡମାନ ସାଗରରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଘୂର୍ଣ୍ଣି ବାତ୍ୟାରେ ପରିଣତି ହେବାର ସମ୍ଭାବନା।
- ଆକାଶଯାତ୍ରୀ ଶୁଭାଂଶୁ ଶୁକ୍ଲା ଭୁବନେଶ୍ୱର ପହଞ୍ଚି ଯୁବମାନଙ୍କୁ ପ୍ରେରଣା ଦେଲେ।
- ଭୁବନେଶ୍ୱର ଯୁବକ ମହିଳାମାନଙ୍କୁ ଆକର୍ଷିତ କରିବାକୁ ବାଇକ ଚୋରି, ପରେ ଗିରଫ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

# ଉଜ୍ଜୟିନୀ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କଲେ ୭୭୫ ବରିଷ୍ଠ ନାଗରିକ

**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଂ, ଟ୍ୟୁରିଜିମ କର୍ପୋରେସନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଉଜ୍ଜୟିନୀ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି ।ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ପୁରୀରୁ ୧୨୭ ଜଣ, କଟକରୁ ୧୯୭ ଜଣ, ଜଗତସିଂହପୁର ୮୫ ଜଣ, କେନ୍ଦ୍ରାପଡ଼ାରୁ ୮୯ (ପୃଷ୍ଠା ୭ରେ)

## ରାଜ୍ୟରେ ବାଘ ସଂଖ୍ୟା ୩୨କୁ ବୃଦ୍ଧି

**ଭୁବନେଶ୍ୱର, ୨୪।୧୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ରାଜ୍ୟରେ ୨୭ଟି ବାଘ ଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୩୨ରେ ପହଞ୍ଚିଛି। ସେଥି ମଧ୍ୟରେ ୯ଟି ଛୋଟ ବାଘଛୁଆ ଥିବା ୨ମାସ ତଳେ ହୋଇଥିବା ସର୍ଭେରୁ ଜଣାପଡିଛି। ପ୍ରଧାନ ବନ୍ୟ ସଂରକ୍ଷକ ପ୍ରେମ କୁମାର ଝା ଏହି ସୂଚନା ଦେଇଛନ୍ତି।

## ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟକୁ ନାହିଁ ବର୍ଷା ଭୟ

**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଭୟ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଦକ୍ଷିଣ ଆଣ୍ଡାମାନ ସାଗରରେ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଗଭୀର ଅବପାତରେ ପରିଣତ ହେବ। ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଆଡକୁ ଗତିକରି ୨୪ ଘଣ୍ଟାରେ ବାତ୍ୟାର ପରିଣତ ହେବ। ଓଡିଶା ଉପରେ ଏହାର ସିଧା ସଳଖ ପ୍ରଭାବ ରହିବ ନାହିଁ। ତାପମାତ୍ରାରେ ମଧ୍ୟ ଆଗାମୀ ୪୮ ଘଣ୍ଟା କୌଣସି ପରିବର୍ତ୍ତନ ହେବ ନାହିଁ। କାଲିଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ହେବା ସହ ଶୀତ ଅନୁଭବ ହେବ ବୋଲି ସେ କହିଛନ୍ତି ।

## ଏକାଳ ପଖାଳ




ଟ୍ୱେଣ୍ଟିଟ୍ୱେଣ୍ଟି ବିଶ୍ୱକପ୍ ଆସେ
ହେବ ପୁରା କୁଟାକୁଟି
ପନ୍ଦର ଫେବୃଆରୀରେ ହେବେ
ଦୁଇ ଶହ ଭେଟାଭେଟି
ଚୁପ୍‌ହେବ ପାକ୍ ପାଟି
ପାହାର ଖାଇକି ଖେଳିବା ଭୂଲିବ
କିଳିବ କବାଟ ତାଟି।

## ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍ ଉଦ୍‌ଘାଟିତ

# ଭୁବନେଶ୍ୱର ହେବ ଦେଶର ଟେକ୍ନୋଲୋଜି ହବ୍




**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ଚାମ୍ବରସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇଏଲ) ପକ୍ଷରୁ ଅନୁଷ୍ଠିତ 'ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବର୍ତ୍ତମାନ ଓଡିଶାରେ ପ୍ରକୃତ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି, ଯାହା ଓଡିଶାର ଦଶା ଓ ଦିଶାକୁ ନିଶ୍ଚିତ ଭାବରେ ପରିବର୍ତ୍ତନ କରିବ। ଏହି ଅବସରରେ ସମୃଦ୍ଧ ଓଡ଼ିଶାର ରୋଡମ୍ୟାପ୍ (ପୃଷ୍ଠା ୭ରେ)

# ୧୨ହଜାର ବର୍ଷ ପରେ ଫାଟିଲା ଜ୍ୱାଳାମୁଖୀ



**ଇଥୋପିଆ, ୨୪।୧୧**

ଇଥୋପିଆରେ ୧୨ହଜାର ବର୍ଷ ପରେ ହଠାତ୍ ଫାଟିଲା ଜ୍ୱାଳାମୁଖୀ । ଏହି ବିସ୍ଫୋରଣରୁ ନିର୍ଗତ ପାଉଁଶ ଏବଂ ସଲଫର ଡାଇଅକ୍ସାଇଡ୍ ପ୍ରାୟ ୧୫ହଜାର କିଲୋମିଟର ଉଚ୍ଚତାରେ ପହଞ୍ଚିଥିଲା । ଏହା ଲାଲ ସାଗର ଦେଇ ବ୍ୟାପୀ ୟେମେନ ଏବଂ ଓମାନରେ ପହଞ୍ଚିଥିଲା ।

ବିଳମ୍ବିତ ରାତିରେ ଏହି ଜ୍ୱାଳାମୁଖୀର ପାଉଁଶ ଇଥୋପିଆରୁ ୪,୩୦୦ କିଲୋମିଟର ଦୂର ଦିଲ୍ଲୀର ଆକାଶକୁ ମଧ୍ୟ ଅଚ୍ଛାଦିତ କରିଥିଲା । ଇଣ୍ଡିଆ ମେଟ୍ ସ୍କାଏ ଓ୍ୱେଦର ଆଲର୍ଟ ରିପୋର୍ଟ କରିଛି ଯେ ଏହି ପାଉଁଶ ମେଘ ରାଜସ୍ଥାନର ଯୋଧପୁର-ଜୈସଏମେରରୁ ଭାରତରେ ପ୍ରବେଶ କରିଛି ଏବଂ ଏବେ ଉତ୍ତର-ପୂର୍ବ ଆଡକୁ ଗତି କରୁଛି ।

ଏହି ପାଉଁଶ ମେଘ ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀ ଉପରେ ବ୍ୟାପୁଛି । ଏହା ଗୁଜୁରାଟକୁ ମଧ୍ୟ ଛୁଇଁପାରେ । ଏହା ରାତିରେ ପଞ୍ଜାବ, ପଶ୍ଚିମ ଉତ୍ତର ପ୍ରଦେଶର ପାହାଡି ଅଞ୍ଚଳ ଏବଂ ହିମାଚଳ ପ୍ରଦେଶକୁ (ପୃଷ୍ଠା ୭ରେ)



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ନଭେମ୍ବର ୨୦୨୫ ବୁଧବାର







## ତୀର୍ଥଯାତ୍ରାରେ ଗଲେ ୧୦୮ ବରିଷ୍ଠ ନାଗରିକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଉଜ୍ଜୟିନୀ-ଓଁକାରେଶ୍ୱର ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିଲେ କେନ୍ଦ୍ରାପଡ଼ାର ୧୦୮ ତୀର୍ଥଯାତ୍ରୀ । ଭୁବନେଶ୍ୱରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା ଆରମ୍ଭ କରିବେ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନରେ ସମସ୍ତଙ୍କ ପଞ୍ଜିକରଣ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅପରାହ୍ନରେ ୪ ଟା ବେଳେ ୩ ଟି ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ବିଧାୟକ କେନ୍ଦ୍ରାପଡ଼ା ଗଣେଶ୍ୱର ବେହେରା, ବିଧାୟକ ମହାକାଳପଡ଼ା ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର୍ ଆୟର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିଥିଲେ । ସୂଚନା ଯେ, ରାଜନଗର ଜଣେ ରାଜକନିକା ୮ ଜଣ, ଗରଦପୁର ୩ ଜଣ, ଡେରାବିଶ ୧୯ ଜଣ, ମହାକାଳପଡ଼ା ୧୩ ଜଣ, ମାର୍ଶାଘାଇ ୧୬ ଜଣ, ପଟ୍ଟାମୁଣ୍ଡାଇ ୨ ଜଣ, କେନ୍ଦ୍ରାପଡ଼ା ବ୍ଲକରୁ ୩୯ ଜଣ ଏବଂ ଦୁଇ ମ୍ୟୁନିସିପାଲିଟି ଅଞ୍ଚଳରୁ ୪ ଜଣଙ୍କ ସମେତ ୪ ଜଣ ଏସ୍କୋର୍ଟ ଅଫିସର ଯାତ୍ରା କରିଛନ୍ତି । ପ୍ରକାଶଥାଉକି ତୀର୍ଥଯାତ୍ରୀ ନଭେମ୍ବର ୩୦ ତାରିଖରେ ଫେରିବେ।

## ଓଡ଼ିଆ ଲିପି ବ୍ୟବହାର ନିମନ୍ତେ ବୈଠକ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସହରରେ ଥିବା ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ଲିପିର ବହୁଳ ବ୍ୟବହାର କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ଚୌଦ୍ୱାରର ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତା ମାନଙ୍କୁ ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନର ଲଗାଉଥିବା ନାମ ଫଳକରେ ୬୦ ଶତକଡା ଓଡ଼ିଆ ଲିପିର ବ୍ୟବହାର ପାଇଁ ଅନୁରୋଧ କରିଥିଲେ । ଏଥିସହିତ ପୌରପାଳିକା ତରଫରୁ ବ୍ୟବସାୟୀ ମାନଙ୍କୁ ଟ୍ରେଡ଼ିଂ ଲାଇସେନ୍ସ କରି ସୁରକ୍ଷିତ ରହିବା ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ, ଚୌଦ୍ୱାରର ସମସ୍ତ ବଜାର କମିଟିର ସଭାପତି, ସମ୍ପାଦକ, ପୌରପାଳିକା ଟିକସ ଦରୋଗା ସନ୍ତୋଷ କୁମାର ହୋତା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ କର୍ମଚାରୀ, ପରିମଳ ବିଭାଗର ପରିମଳ ବିଶେଷଜ୍ଞ ପୀୟୁଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ବହୁ ଚର୍ଚ୍ଚିତ ପଣ୍ଡା ଅଳଙ୍କାର ଗୁଳିକାଣ୍ଡ ମାମଲା:ମାଷ୍ଟର ମାଇଣ୍ଡ କୋର୍ଟଚାଲାଣ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଓ ଗୁଳିକାଣ୍ଡ ଘଟଣାର ଜବନିକା ପଡ଼ିଛି । ପୂର୍ବରୁ ତିନି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ବିହାର ଜେଲ୍‌ରେ ଥାଇ ଲୁଟ୍‌ର ନୀଳନକ୍ସା ତିଆରି କରିଥିବା ମାଷ୍ଟର ମାଇଣ୍ଡ ବିକାଶ ସିଂହକୁ କୋର୍ଟଚାଲାଣ କରାଯାଇଛି। ଆର୍ଯ୍ୟ ଓରଫ ଶେଖର ପୂର୍ବରୁ ଜେଲରେ ଅଛି । ଅନ୍ୟ ଦୁଇ ହାର୍ଡକୋର ଅପରାଧୀ ରାଜା ସାହାଣୀ ଓରଫ ଶୁଭମ ଓ ମଧୁକାନ୍ତ ଓରଫ ରାଜା ଚୌଦ୍ୱାର ଜେଲ୍‌ରୁ ଚମ୍ପଟ୍ ମାରିଥିବା ବେଳେ ସେମାନଙ୍କ ସୁରାଗ ମାଷ୍ଟର ମାଇଣ୍ଡ ଠାରୁ ମିଳିବାର ସମ୍ଭାବନା ଦେଖି ଏସ୍‌ପି ଯସ୍‌ପ୍ରତାପ ଶ୍ରୀମଲଙ୍କ ସମେତ ବହୁ ଅଧିକାରୀ ମାରାଥନ ଜେରା କରିଥିଲେ । ଅଭିଯୁକ୍ତ ମାଷ୍ଟର ମାଇଣ୍ଡ ବିକାଶ ସିଂହକୁ କୋରେଇ ଥାନାରେ ରଖି ଜେରା କରାଯାଇଥିବା ବେଳେ ତାକୁ କୋର୍ଟଚାଲାଣ କରାଯାଇଛି । ବିହାର ରାଜ୍ୟ ଡେରିଗଂଜର ଧନେଶ୍ୱର ସିଂହଙ୍କ ପୁଅ ବିକାଶ ସିଂହ । ପ୍ରକାଶ ଯେ, ଗତ ଜାନୁଆରୀ ମାସରେ ପାଣିକୋଇଲିରେ ଘଟିଥିବା ପଣ୍ଡା ଅଳଙ୍କାର ଲୁଟ୍ ଉଦ୍ୟମ ଓ ଗୁଳିକାଣ୍ଡ ଘଟିଥିଲା । ଏନେଇ ଏକ ମାମଲା ୭/୨୫ରେ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଥାନାଧିକାରୀ ରଂଜିତ କୁମାର ମହାନ୍ତି ଏହାର ତଦନ୍ତ ଭାର ତୁଲାଉଥିଲେ । ଘଟଣାର ମାଷ୍ଟର ମାଇଣ୍ଡକୁ ୧୦ ମାସ ପରେ ବିହାର ପୋଲିସ ସହାୟତାରେ ଗିରଫ କରିବାରେ ସକ୍ଷମ ହୋଇଥିଲେ । ପାଣିକୋଇଲି ପୋଲିସ ୩ଦିନ ରିମାଣ୍ଡରେ ଆଣି ଜେରା କରିବା ପରେ କୋର୍ଟଚାଲାଣ କରାଯାଇଛି । ଫେରାର୍ ହୋଇଥିବା ବିହାରୀ ଅପରାଧୀ ଦ୍ୱୟ ଚୌଦ୍ୱାର ଜେଲ୍‌ରୁ ଚମ୍ପଟ୍ ମାରିଥିବା ବେଳେ ସେମାନେ କେବେ ଧରା ହେବେ ତାହା ସବୁଠୁ ବଡ ପ୍ରଶ୍ନବାଚୀ ହୋଇଛି । ଜାନୁଆରୀ ମାସ ୪ ତାରିଖ ଦିନ ଦ୍ୱିପହରରେ ପାଣିକୋଇଲି ଥାନା ଅଧିନସ୍ଥ ପଣ୍ଡା ଅଳଙ୍କାରରୁ ଡକାୟତି ପାଇଁ ଦୁଇ ଜଣ ଡକାୟତ ବନ୍ଧୁକ ଧରି ଲୁଟ୍ କରିବା ଲାଗି ପଶିଥିବା ବେଳେ ଜଣେ ବାଇକ୍ ଧରି ବାହାରେ ରହିଥିଲା । କିନ୍ତୁ, ଦୁଇ ଜଣ ଡକାୟତ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା ବେଳେ ବାଇକ୍‌ରେ ଥିବା ଅନ୍ୟ ଜଣେ ଫେରାର୍ ହୋଇଯାଇଥିଲା । ଦୋକାନ ଭିତରେ ପଶିଥିବା ଡକାୟତକୁ ପ୍ରତିରୋଧ କରିବା ଫଳରେ ଦୋକାନର କର୍ମଚାରୀ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ କଳସଡିହ ଗ୍ରାମର ଦେବେନ୍ଦ୍ର ରାୟଙ୍କ ପୁଅ ସୁନୀଲ ଡକାୟତର ଗୁଳି ମାଡ଼ରେ ପ୍ରାଣ ହରାଇଥିଲେ। ଏଥିସହିତ ଅନ୍ୟ ଜଣେ ଡକାୟତ ଫେରାର୍ ହୋଇଯିବା ଲାଗି ଚେଷ୍ଟା କରୁଥିବା ବେଳେ ପାଣିକୋଇଲି ଟାଟା ପାୱାର ବିଦ୍ୟୁତ କାର୍ଯ୍ୟାଳୟରେ ଚାଳକ ଭାବେ କାର୍ଯ୍ୟରତ ଏହି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ଗୌରାଙ୍ଗ ପଣ୍ଡାଙ୍କ ପୁଅ ନୀଳମାଧବ ପଣ୍ଡା ଅଟକାଇବାରୁ ଡକାୟତର ଗୁଳି ମାଡ଼ରେ ପ୍ରାଣ ହରାଇଥିଲେ ।

### — ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ' —

## ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରୟାସ

**ବାଲେଶ୍ୱର, ନ୍ୟୁଜ୍**

ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ପଛୁଆ ବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ -୨୦୨୫ ସରଗି ଫୁଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସକାଳ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଉଦ୍ଘାଟନ କରିଥିଲେ। ସନ୍ଧ୍ୟା ଉଦ୍‌ଯାପନୀର ଉତ୍ସବରେ ନୀଳଗିରି ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସ୍ୱାଇଁ, ନୀଳଗିରିର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ବଣଭୂଇଁ ଏସ୍.ଏସ୍.ଡି. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସମାପନ କରିଥଲେ। ଏହି ଶିଶୁ ମହୋତ୍ସବ ସରଗି ଫୁଲ ଆୟୋଜନ କରିବାର ମହତ୍ ଉଦ୍ଦେଶ୍ୟ ବିଭିନ୍ନ କ୍ଷେତ୍ରରେ ଛୋଟ ଛୋଟ ଶିଶୁମାନଙ୍କ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣ ଓ ପ୍ରତିଭାର ବିକାଶ କରିବା ସହିତ ତାଙ୍କୁ ଉତ୍ସାହିତ କରି ପ୍ରେରଣା ପ୍ରଦାନ କରିବା ବୋଲି ମୁଖ୍ୟଅତିଥି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ସମସ୍ତ ଏସ୍.ଏସ୍.ଡି. ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ବିଭିନ୍ନ ପ୍ରତିଯୋଗୀତା କ୍ଷେତ୍ରରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ପୁରସ୍କୃତ କରିଥିଲେ। ଏହି ଏକ ଦିବସୀୟ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ସହଯୋଗ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ବଣଭୂଇଁ ଏସ୍.ଏସ୍.ଡି. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଫଳତା ନିମନ୍ତେ ବିଭୂତି ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।






## 'ଉଡ଼ାନ୍' କ୍ୟାମ୍ପରେ ପ୍ରୟାସ ବିଦ୍ୟାମନ୍ଦିରର କୃତିତ୍ୱ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସ୍ତରୀୟ ଭାରତ ସ୍କାଉଟ୍/ଗାଇଡ୍ 'ଉଡାନ' ୫ ଦିବସୀୟ ଶିବିର ଭୁବନେଶ୍ୱର ଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ତଣ୍ଡରା ସ୍ଥିତ ପ୍ରୟାସ ବିଦ୍ୟାମନ୍ଦିର ୧୮ ଜଣ ଛାତ୍ରଛାତ୍ରୀ ସ୍କାଉଟ୍ ମାଷ୍ଟର ଶ୍ରୀମନ୍ତ କୁମାର ରଥ, ଗାଇଡ୍ କ୍ୟାପ୍‌ଟେନ୍ ବିଜୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିଲେ । ଉକ୍ତ ୫ ଦିନିଆ ଶିବିରରେ ସମୁଦାୟ ୨୫ଟି ଜିଲ୍ଲାରୁ ୭୫୦ ପ୍ରତିନିଧି ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ପ୍ରୟାସ ବିଦ୍ୟାମନ୍ଦିର ଛାତ୍ରଛାତୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଶିକ୍ଷାନୁଷ୍ଠାନ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସ୍କାଉଟ/ଗାଇଡ଼ର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ଼ଃ କାଳିପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ବିଭିନ୍ନ ଦିବସରେ ଭୁବନେଶ୍ୱର ବିଧାୟକ ବାବୁ ସିଂ, ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଶୁଭଶ୍ରୀ ନନ୍ଦ, ଦେବେନ୍ଦ୍ର କୋରକରା ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥିଭାବେ ଯୋଗଦେଇଥିଲେ ।

## ଏଲ୍‌ଟିଟିଏସ୍ ସହ ସୋଆର ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ୍ ଲିମିଟେଡ୍ (ଏଲ୍‌ଟିଟିଏସ୍) ମଧ୍ୟରେ ଶିଳ୍ପ ଓ ଶିକ୍ଷା ଜଗତ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ, ବିକାଶ, ନିଯୁକ୍ତି ଓ ଗବେଷଣା କାର୍ଯ୍ୟରେ ସହଯୋଗ ନିମନ୍ତେ ବୁଧବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ କ୍ୟାମ୍ପସ୍‌ରେ ଏଲ୍‌ଟିଟିଏସ୍ ପକ୍ଷରୁ ମେଡିକାଲ୍ ଟେକ୍ନୋଲୋଜି ନିମନ୍ତେ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ଟିଚିଂ ଲର୍ଣ୍ଣିଂ ସେଣ୍ଟର ସ୍ଥାପନ କରାଯିବ ଯାହାଫଳରେ ଏହି କ୍ଷେତ୍ରରେ ଉତ୍ତମ ଗୁଣବତା ସହ ପ୍ରତିଭା ସୃଷ୍ଟି ହୋଇପାରିବ। ବୁଝମଣା ପତ୍ରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଏଲ୍‌ଟିଟିଏସ୍‌ର ଗ୍ଲୋବାଲ୍ ଡେଲିଭେରି ହେଡ (ମେଡଟେକ ବିଜିନେସ୍) ମୁରଲୀଧର ହୋଶାହାଲି ସ୍ୱାକ୍ଷର କରିଥିଲେ। ଏହି ମିଳିତ ଉଦ୍ୟମ ଦ୍ୱାରା ଉଭୟ ସୋଆ ଓ ଏଲ୍‌ଟିଟିଏସ୍ ମେଡ୍‌ଟେକ୍ କ୍ଷେତ୍ରରେ ନୂତନ ପ୍ରଯୁକ୍ତି ବିଦ୍ୟା ଯଥା ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସକୁ ସୋଆର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ସହ ବିଭିନ୍ନ ଗବେଷଣାରେ ଭାଗ ନେବେ। ବୁଝମଣା ପତ୍ର ସ୍ୱାକ୍ଷରିତ ହେବା ସମୟରେ ଏଲ୍‌ଟିଟିଏସ୍‌ର ଗ୍ଲୋବାଲ୍ ଇଞ୍ଜିନିୟରିଂ ଏକାଡେମୀର ଗ୍ଲୋବାଲ୍ ହେଡ୍ ଡକ୍ଟର ପି.ବି. କୋଟୁର ଓ ମେଡଟେକ୍ ଏକାଡେମୀର ହେଡ୍ ଡକ୍ଟର ବିବେକ କଉଣ୍ଡାଲ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର (ଗଞ୍ଜାମ), ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠରେ ସୋମବାର ଦିନ ଆତ୍ମନିର୍ଭର ଭାରତ ବିଷୟରେ ଏକ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାକୁ ଉଦ୍ଘାଟନ କରିଥିଲେ ଆସ୍କା ସାଂସଦ ପ୍ରତିନିଧି ଶ୍ରୀକାନ୍ତ କୁମାର ମହାପାତ୍ର, ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ ଡ. ସୁରେନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଭାବେ ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ଯୋଗଦେଇ କହିଥିଲେ ଯେ, ସ୍ୱଦେଶୀ ବସ୍ତୁ ହିଁ ଆଜି ଆମକୁ ସମଗ୍ର ବିଶ୍ୱ ଦରବାରରେ ପ୍ରସିଦ୍ଧ ଆଣି ପାରିଛି ତତ୍‌ସହିତ ଆମାର ଅର୍ଥନୀତିକୁ ମଧ ସୁଦୃଢ଼ କରିବାରେ ସହାୟକ ହୋଇପାରିଛି । ସେପରି ଏହି ସଭାରେ ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ନରସିଂହ ପାଢ଼ୀ, ଚିତ୍ତରଞ୍ଜନ ମିଶ୍ର, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, କିରାଣୀ ଧରିତ୍ରୀ ପ୍ରଧାନ, କର୍ମଚାରୀ ସୀତାପତି ମହାରଣା, ବାବୁଲା ମଣ୍ଡଳ ତଥା ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ଅଧ୍ୟାପିକା ଡ଼ଃ.ସୌଭାଗ୍ୟ ମଞ୍ଜରୀ ନାଥ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ପ୍ରଭାତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସାମୁହିକ ଭାବରେ ସ୍ୱଦେଶୀ ବ୍ୟବହାର କରବା ପାଇଁ ସାଂସଦ ପ୍ରତିନିଧି ଶ୍ରୀକାନ୍ତ କୁମାର ମହାପାତ୍ର ଶପଥ ପାଠ କରାଇଥିଲେ ।

# କୋରେଇରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ବିଧାୟକ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ସୋମବାର କୋରେଇ ବିଧାୟକ ଆକାଶ ଦାସନାୟକ କୋରେଇ ବ୍ଲକ୍ ଅନ୍ତର୍ଗତ ଅସନଝର ଓ ଗୌରପୁର ଗ୍ରାମପଞ୍ଚାୟତରେ ୫ ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଗୋଟିଏ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ସକାଳ ୧୧ ଘଟିକା ସମୟରେ ଅସନଝର ଗ୍ରାମପଞ୍ଚାୟତ ରାମକୃଷ୍ଣପୁର ଛକରେ ଆର.ଡି. ରାସ୍ତା ଠାରୁ ଯୁଗଳ ରାସ୍ତାର ଦୃଢ଼ୀକରଣ ଓ ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା । ଅଟକଳ ପରାମାଣ – ୬ କୋଟି । ସେହିଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ଗୌରପୁର ଠାରେ ଗୌରପୁର ଗ୍ରାମପଞ୍ଚାୟତର ନୂତନ କାର୍ଯ୍ୟାଳୟ, ଅଟକଳ ପରିମାଣ – ୩୫ ଲକ୍ଷ ଓ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ କାର୍ଯ୍ୟାଳୟ ଓ ମାର୍କେଟ୍ କମ୍ପ୍ଲେକ୍ସ, ଅଟକଳ ପରିମାଣ – ୩୦ ଲକ୍ଷର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେଠାରୁ ସେହି ଶୋଭାଯାତ୍ରାରେ ଯାଇ ଇଚ୍ଛାପୁର ଠାରେ ଇଚ୍ଛାପୁର ପ୍ରାଥମିକ କୃଷି ସମବାୟ ସମିତି ନୂତନ ମଣ୍ଡିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଅଟକଳ ପରିମାଣ – ୫୦ ଲକ୍ଷ । ତା'ପରେ ଇଚ୍ଛାପୁର ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲ । ଅଟକଳ ପରିମାଣ – ୧୦ ଲକ୍ଷ । ତା'ପରେ ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ, ତୁଳସୀପୁର ଠାରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ ବିଧାୟକ ଆକାଶ ଦାସନାୟକ । ଆର୍.ଡି. ରାସ୍ତା ଠାରୁ ଯୁଗଳ ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ ଆକାଶ । ଏହି ରାସ୍ତାର ଉନ୍ନତିକରଣ ହେଲେ ସ୍ଥାନୀୟ ଜନସାଧାରଣଙ୍କର ଆବଶ୍ୟକତା ପୂରଣ ହେବା ସହ ଅଞ୍ଚଳବାସୀ ଉପକୃତ ହୋଇପାରିବେ ଏବଂ ଗାଁ ତଥା ପଞ୍ଚାୟତର ଭିତ୍ତିଭୂମିର ବିକାଶ ହୋଇପାରିବ । ଗ୍ରାମୀଣ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ ଏହା ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ଶ୍ରୀ ଦାସନାୟକ କହିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଗୌରପୁର ଶକ୍ତି କେନ୍ଦ୍ରର ସଭାପତି ଜନ୍ମେଜୟ ସାହୁ, ପ୍ରକାଶ ଧଳ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ସରପଞ୍ଚ ସାରଙ୍ଗ ପ୍ରଧାନ, ପଦ୍ମାବତୀ ପଣ୍ଡା, ରବିନ୍ଦ୍ର ବେହେରା, ରଞ୍ଜନ ଦାସ, ବିଷ୍ଣୁ ଚରଣ ରଥ, ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ପ୍ରିତିରଞ୍ଜନ ସାହୁ, ଧନେଶ୍ୱର ବାରିକ, ଦୀପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ଉଦୟ ପରିଡ଼ା, ରଶ୍ମିରଞ୍ଜନ ପରିଡ଼ା, ସଞ୍ଜିବ ନାୟକ, ରାଜକିଶୋର ବେହେରା, ବସନ୍ତ କର, ନୀଳମାଧବ ଚକ୍ର, ସରୋଜ ନାୟକ, ଗୋପିନାଥ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ମନ୍ମଥ ଜେନା, ମଳୟ ଖଟୁଆ, ପ୍ରହଲ୍ଲାଦ ଜେନା, ଗୋପାଳ ସାହୁ, ସୁବ୍ରତ ସ୍ୱାଇଁ, ରମେଶ ଭୂୟାଁ, ଦିଲ୍ଲୀପ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ସାହୁ, ରଞ୍ଜନ ଦାସ, ପ୍ରତାପ ସାହୁ, ନକୁଳ ସାମନ୍ତରାୟ, ଦିବାକର ମହାପାତ୍ର, ହିଂମାଂଶୁ ପାଢ଼ୀ, ମଞ୍ଜୁଲତା ସ୍ୱାଇଁ, ରାଜେନ୍ଦ୍ର ଗାହାଣ, ସୁଜିତ୍ ସ୍ୱାଇଁ, ଅଶୋକ ବାରିକ, ସୁବ୍ରତ ସେଠୀ, ପ୍ରମୋଦ ସାହୁ, ରବିନ୍ଦ୍ର ଜେନା, ସୀତାକାନ୍ତ କୁଅଁର, ପ୍ରଶାନ୍ତ ନାୟକ, ଅକ୍ଷୟ ନାୟକ, ଭରତ କୁମାର ସାହୁ, ବଳରାମ ସାହୁ, ବିଜୟ କୁମାର ସାହୁ, ଅଭୟ କୁମାର ସ୍ୱାଇଁ, ପ୍ରତାପ କୁମାର ସାହୁ, ପ୍ରଫୁଲ୍ଲ ଜେନା, ପ୍ରହଲ୍ଲାଦ ଦେଓ, ମନୋଜ ବିଶ୍ୱାଳ, ସୁରେଶ ବେହେରା, ନାରାୟଣ କର, ଶ୍ୟାମସୁନ୍ଦର ସାହୁ, ଶଶିକଳା ପଣ୍ଡା, ପଦନ ଦାସ, ଲକ୍ଷ୍ମୀଧର ନାୟକ, ହରେକୃଷ୍ଣ ଖଣ୍ଡାଇ, ଶୁଭଞ୍ଜନ ଦାସ, ସୁରେନ୍ଦ୍ର ମଲ୍ଲ, କୁନା ବାରିକ ପ୍ରମୁଖ ଯୋଗଦେଇଥିଲେ ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ଖେଳପଡିଆ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାମାରାଓ ପାଳ, ସମାଜସେବୀ ଧର୍ମୁଧର ପୋଢ, କନ୍ଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ସରୋଜ ମେହେର ଓ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରାଣୀ ସମ୍ପଦର ଚିକିତ୍ସା ଔଷଧ ବଣ୍ଟନ ଓ ଚାଷୀ ସଚେତନତା ଶିବିର ଆୟୋଜିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଚାଷୀମାନେ ଯୋଗଦେଇଥିଲେ ।



## ଜୀବନବୀମା ଠକେଇ ନିରାକରଣ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ ଇନ୍ସୁରାନ୍ସ ଓଡ଼ିଶା ସର୍କଲ ତରଫରୁ ଜୀବନବୀମାରେ ହେଉଥିବା ଠକେଇ ମକଦ୍ଦମାର ସଠିକ୍ ତଦନ୍ତ ଓ ଏହା ରୋକିବାକୁ କର୍ମଶାଳା ପୁରୀର ଆରକ୍ଷୀ ଅଧକ୍ଷ ପ୍ରତୀପ ସିଂଙ୍କ ନିର୍ଦ୍ଦେଶନା ଓ ଡିଏସ୍‌ପି ସସ୍ମିତା ପଟେଲଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଜୀବନ ବୀମା ସଂସ୍ଥାର ଓଡ଼ିଶା ସର୍କଲ୍ ଆସୋସିଏଟ୍ ରିଜିଓନାଲ୍ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ର, ଜୀବନବୀମାରେ ହେଉଥିବା ଠକେଇ ତାର ଉପଯୁକ୍ତ ତଦନ୍ତ ଓ ନିରାକରଣ ଉପରେ ବିସ୍ତୃତ ତଥା ଉପସ୍ଥାପନ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀମାନେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡିଏସ୍‌ପି ସସ୍ମିତ୍ତ ପଟେଲ ଏହି କର୍ମଶାଳା ପାଇଁ ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ୍ ଇନ୍ସୁରାନ୍ସର କର୍ତ୍ତୃପକ୍ଷ ଓ ତାଙ୍କର ଏରିଆ ମ୍ୟାନେଜର ଦୁର୍ଗାପ୍ରସାଦ ମିଶ୍ରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହାକୁ ପରିଚାଳନା କରିବାରେ ଅବସରପ୍ରାପ୍ତ ଆରକ୍ଷୀ ଅଧକ୍ଷ ନୀଳମୋହନ ତ୍ରିପାଠୀ ସହାୟତା କରିଥିଲେ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଦେଶ ଭକ୍ତିର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଜଗତସିଂହପୁର ଠାରେ ଜଗତସିଂହପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏହି ଅବସରରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଗାନ୍ଧିଛକରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରି କଲେଜ ଛକ ନିକଟରୁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ କରିଥିଲେ । ପରେ ହଜାର ହଜାର ବିଜେପି ସମର୍ଥକ ମା', ଭଉଣୀ, ଯୁବ, ଛାତ୍ର, ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହାପରେ ଏହି ଶୋଭାଯାତ୍ରା କଲେଜ ଛକରୁ ବାହାରି ଟାଉନହଲ୍ ଦେଇ ଶାରଦା ମଣ୍ଡପରେ ପହଞ୍ଚିଥିଲା । ଏହାପରେ ସଭାକାର୍ଯ୍ୟ ସ୍ଥାନୀୟ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ସଭା କାର୍ଯ୍ୟରେ ପ୍ରାରମ୍ଭରେ ବନ୍ଦେ ମାତରମ୍ ଗୀତର ସମୂହ ଗାନ କରାଯାଇଥିଲା ଏବଂ ଐତିହ ପୃଷ୍ଠଭୂମି ଉପରେ ମଞ୍ଚାସିନ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଗୀତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ପ୍ରମୁଖ ଉତ୍ସ ଥିଲା । ପରାଧୀନ ଭାରତର ଲକ୍ଷ ଲକ୍ଷ ଜନତାଙ୍କୁ ଦେଶପ୍ରେମରେ ରଖିବାର ସୂତ୍ର ଥିଲା ଏହା। ଯେଉଁ କାରଣରୁ ହଜାର ହଜାର ସଂଗ୍ରାମୀ ଦେଶ ପାଇଁ ବନ୍ଦେ ମାତରମ୍ ଗାନ କରି ଜେଲ୍ ଯିବା ଠୁ ଆରମ୍ଭ କରି ଫାଶୀ ଖୁଣ୍ଟରେ ଝୁଲିବା ପର୍ଯ୍ୟନ୍ତ ଡରୁନଥିଲେ । ଏହି ଶହୀଦମାନେ ଆମ୍ଭ ମାନଙ୍କର ଚିର ସ୍ମରଣୀୟ । ଏହି ସଭା କାର୍ଯ୍ୟକ୍ରମରେ ସାମ୍ମାନୀତ ଅତିଥି ଭାବେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜଗତସିଂହପୁର ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତସିଂହପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ନିଲୁରାମ ଜେନା, ଯୋଗମାୟା ନନ୍ଦ, ବରିଷ୍ଠ ନେତା ଶ୍ରୀକାନ୍ତ ଚୌଧୁରୀ, ସୌଭାଗ୍ୟ ମହାନ୍ତି, ଜଗନ୍ନାଥ ଦାଶ, ଅକ୍ଷୟ ପାତ୍ର, ସୁଶାନ୍ତ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ନିଗମାନନ୍ଦ ପରିଡ଼ା, ଦେବୀ ପାଢ଼ୀ, ଦେବୀ ପ୍ରସାଦ ସାହାଣୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବରୋଦା ପ୍ରସାଦ ରାୟ, ସମୀର ପଟ୍ଟନାୟକ, କରନ ଖାଁ, ପାରିଷଦ ଦେବାଶିଷ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ସେକ ନାସିର ଉଦ୍ଦିନ, ଶାରଦା ରଣା, ସୁଶାନ୍ତ ମଲ୍ଲିକ, କିଶୋର ମହାନ୍ତି, ଭ୍ରମର ସ୍ୱାଇଁ, ବିଦ୍ଧୁର ନାୟକ, ନିରଞ୍ଜନ ସେଠି, ସ୍ୱପ୍ନିମୟ ରାୟ, ଅଶୋକ ଭୋଇ, ଜଗଦୀଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ଯୋଗଦେଲେ ହାଇକୋର୍ଟ ବିଚାରପତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ତରଫରୁ ଜିଲ୍ଲା ଅଦାଲତ ପରିସରରେ ସଚିବ ବିଡିଡି ଚନ୍ଦନାଙ୍କ ଦ୍ୱାରା ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ପାଠକ ଜଗତସିଂହପୁର ଜିଲ୍ଲା ଅଦାଲତକୁ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାରେ ୫ଟି ବ୍ଲକରୁ ମୋଟ୍ ୧୧୧ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିମାନଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା। ଶିଶୁଙ୍କ ଅଧିକାର, ପିଲାମାନଙ୍କ ଶିକ୍ଷାଗତ ଅଧିକାର, ଭିନ୍ନକ୍ଷମ ପିଲାମାନଙ୍କୁ ସୁରକ୍ଷା, ଶୈଶବ ଉପରେ ପ୍ରଯୁକ୍ତିର ପ୍ରଭାବ, ବାଲ୍ୟ ବିବାହ ନିଷେଧ, ପିଲାମାନଙ୍କ ଉପରେ ସୋସିଆଲ ମିଡିଆର କୁପ୍ରଭାବ, ଶିଶୁ ଚାଲାଣ ବିଷୟରେ ପ୍ରତିଯୋଗିତା କରାଯାଇଥିଲା । ଏହି ଅବସରରେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ ଏବଂ ଉଚ୍ଚ ନ୍ୟାୟାଳୟ କିଶୋର ନ୍ୟାୟ କମିଟିର ସଚିବ ରୁଦ୍ର ପ୍ରସାଦ ମହାନ୍ତି ମଧ ପରିଦର୍ଶନ କରିଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍.ଏ.କେ.ଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ବରିଷ୍ଠ ଦିବାନୀ ବିଚାରପତି ରାକେଶ କୁମାର ମୁଦୁଲି, ବରିଷ୍ଠ ଦିବାନୀ ବିଚାରପତି ଏଲ୍.ଆର୍ ଶର୍ମିଷ୍ଠା ଶୁଭଦର୍ଶନୀ ମହାନ୍ତି, ଦିବାନୀ ଅଦାଲତ ନିବନ୍ଧକ ବିଶ୍ୱକଳ୍ପିତା ମହାନ୍ତି, ଏସ.ଡି.ଜେ.ଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନ୍‌ସିଫ୍ ଅନନ୍ୟା ଦାସ, ଜେ.ଏମ୍.ଏଫ୍.ସି ଅଙ୍କିତ ଦେଓ୍ୱାଙ୍ଗନ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତଥିଲେ ।



# ଏକତା ପଦଯାତ୍ରାରେ ଯୋଗଦେଲେ ଏମ୍‌ପି, ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତ ବାର୍ଷିକୀ ପାଳନ ଉପଲକ୍ଷେ 'ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ ଯୋଗଦେଇ ଶୁଭ ଉଦ୍‌ଘାଟନ କରି ବିକଶିତ ରାଷ୍ଟ୍ର ନିର୍ମାଣ ଓ ଆତ୍ମନିର୍ଭରଶିଳ ଭାରତ ଗଠନ ଲାଗି ଶପଥ ପାଠ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ସୁବର୍ଣ୍ଣପୁର, ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପଧାନ, ଡିଏଫ୍‌ଓ ମଦନ ଲାଲ୍ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାଶ ଯୋଗଦେଇ ଏହି ଏକତା ପଦଯାତ୍ରାରେ ସାମିଲ୍ ହୋଇଥିଲେ । ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭାରତ ବିକାଶର ଅବଦାନକୁ ମନେ ପକାଇବାର ଦିନଟିଏ ବୋଲି ଏଠାରେ ଅନୁଷ୍ଠିତ ଏକ ସଭାରେ ମତ ପ୍ରକାଶ କରିଥିଲେ । ଏହି ପଦଯାତ୍ରା ବୀରମହାରାଜପୁର ମିନି ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଆମ୍ବେଦକର ଛକ ସ୍ଥିତ ଡ଼. ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ – ସ୍ଥାନୀୟ ମହାବିଦ୍ୟାଳୟ – ଲାଟୁରପେଟ ଗାୟତ୍ରୀ ମନ୍ଦିର (ପାନୀୟ ଜଳ / ଓ.ଆର୍.ଏସ୍. ଯୋଗାଣ) – ରଣାପାଲି ଛକ – ଉଫୁଲା ମାଉସୀ ମା' ମନ୍ଦିର, ସ୍ଥାନୀୟ ବସ୍‌ଷ୍ଟାଣ୍ଡ, ଚମ୍ପାପୁର ଛକ – ଚମ୍ପାମାଲ ଶିବ ମନ୍ଦିର ବାଟେ ଆସି ପରେ ସ୍ଥାନୀୟ ମିନି ଷ୍ଟାଡିୟମ୍ ଠାରେ ପଦଯାତ୍ରା ସମାପ୍ତ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ, ଚିତ୍ତରଞ୍ଜନ ମିଶ୍ର, ଡିଡବ୍ଲୁଓ, ଅଚ୍ୟୁତା ନନ୍ଦ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଶ୍ରୀ ଯମୁନା ପ୍ରଧାନ, ଜିଲ୍ଲା ସଂଯୋଜକ, ମାଇ ଯୁବ ଭାରତ, ସୁବର୍ଣ୍ଣପୁର କୃପାସିନ୍ଧୁ ସା, ସିଇଓ ଓରମାସ୍, ସମୀର କୁମାର ନାଏକ, ଡିଏସ୍‌ଏସ୍‌ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସ୍କୁଲ୍ ସେଭିଂ ଅଫିସର ମଙ୍ଗଳ ପଧାନ ମଧ ପଦଯାତ୍ରାରେ ସାମିଲ୍ ହୋଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଓ ବୀରମହାରାଜପୁର ବ୍ଲକ୍ ସ୍ତରୀୟ ବହୁ ବୁଦ୍ଧିଜୀବୀ ଓ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ । ଗତ ୩୧ ତାରିଖରେ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ଗଣଦୌଡ଼ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା, ଡ୍ରଇଁ ଓ ରଚନା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଐତିହାସିକ ଦିବସରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାଲେଶ୍ୱରରେ 'ଆପ୍‌କେ ଦ୍ୱାର – ମହିଳା ଜନ ସୁନ୍ୱାଇ'

**ବାଲେଶ୍ୱର, ନ୍ୟୁଜ୍**

ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ "ଆପକେ ଦ୍ୱାର – ମହିଳା ଜନ ସୁନ୍ୱାଇ" କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହେବ। ଏହି ଜଣଶୁଣାଣି ୨୭ ତାରିଖ ପ୍ରାତଃ ୧୦ଟାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେବଳ ବାଲେଶ୍ୱର ନୁହେଁ, ଭଦ୍ରକ, ମୟୂରଭଞ୍ଜ, ସୁନ୍ଦରଗଡ଼, ଯାଜପୁର ଓ କେନ୍ଦ୍ରାପଡା ମୋଟ୍ ୬ଟି ଜିଲ୍ଲାର ୭୧ଟି ଅଭିଯୋଗ ଉପରେ ଶୁଣାଣି କରାଯିବ। ଶୁଣାଣି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସହିତ ସମ୍ବନ୍ଧିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ଜଣଶୁଣାଣିରେ ଡ଼ଃ ଅର୍ଚ୍ଚନା ମଜୁମଦାର, ସଦସ୍ୟ। ରାଷ୍ଟ୍ରୀୟ ମହିଳା ଆୟୋଗ ଅଧକ୍ଷତା କରିବେ। ମହିଳାମାନଙ୍କ ଅଭିଯୋଗ ସମାଧାନ, ନ୍ୟାୟପାଳନ ଓ ସୁରକ୍ଷା ସୁନିଶ୍ଚିତ କରିବାରେ ଏବଂ ଏ ସମ୍ପର୍କିତ ଆଇନ୍ ପ୍ରଣୟନ କରିବାରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ଯଥା ସମୟରେ ଉପସ୍ଥିତ ହୋଇ ତାଙ୍କ ଅଭିଯୋଗ ଯଥାଯଥ ଭାବରେ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୬ ନଭେମ୍ବର ୨୦୨୫ ବୁଧବାର





# ଜହ୍ନାପଙ୍କରେ ମଦୁଆଙ୍କ ପ୍ରାଦୁର୍ଭାବ:ଲୋକେ ଅସୁରକ୍ଷିତ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳର ଅନେକ ସ୍ଥାନରେ ଖୋଲାଖୋଲି ବେଆଇନ୍ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି । ହେଲେ ଅବକାରୀ କିମ୍ବା ପୋଲିସ ବିଭାଗ ସବୁ ଜାଣି ନଜଣିଲା ପରି ଅଭିନୟ କରୁଛନ୍ତି। ବେଆଇନ୍ କାରବାରକୁ ରୋକିବା ବଦଳରେ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ଜହ୍ନାପଙ୍କ ହେଉଛି ଅଞ୍ଚଳର ମୁଖ୍ୟ ଛକ। ଦୂର ଦୁରାନ୍ତକୁ ଯିବାପାଇଁ ଯାତ୍ରୀମାନେ ଏହି ରାସ୍ତା ଦେଇ ଜହ୍ନାପଙ୍କ ବସ୍‌ଷ୍ଟାଣ୍ଡ ଯାଇଥାନ୍ତି। ନାରାୟଣ ନଗରର ବ୍ୟବସାୟୀ ରାସ୍ତାରେ ଯିବାବେଳେ ମଦ୍ୟପଙ୍କ ଲୁଟ୍‌ର ଶିକାର ହୋଇଥିବା ନଜିର ରହିଛି। ବ୍ୟବସାୟ ପାଇଁ ଏହି ଛକରୁ ଦୂର ଦୂରାନ୍ତକୁ ଯାଇଥାନ୍ତି। ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡ୍ଡା ଜମୁଥିବାରୁ ଜନସାଧାରଣ ଏହି ରାସ୍ତା ଦେଇ ଯିବାକୁ ଅସୁରକ୍ଷିତ ମଣୁଛନ୍ତି। ସନ୍ଧ୍ୟା ହେଲେ ନାରାୟଣ ନଗର ହାଟପଦା, ଚାରିଶମ୍ଭୁ ରାସ୍ତାର ବିଭିନ୍ନ ପୋଲ ଉପରେ ମଦ୍ୟପମାନେ ବସି ମଦ୍ୟପାନ କରୁଛନ୍ତି। ଜନଗହଳିପୂର୍ଣ୍ଣ ହାଟପଦା ମଣ୍ଡପରେ ବସି ମଦ୍ୟପାନ କରୁଥିବା ନଜିର ରହିଛି। ଏହାକୁ ନେଇ ବୁଦ୍ଧିଜୀବୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ଜନଗହଳିକୁ ଦୃଷ୍ଟିରେ ରଖି ୨୦୨୨ରେ ହାଟପଦା ଠାରୁ ଚାରିଶମ୍ଭୁ ପର୍ଯ୍ୟନ୍ତ ୨୧ଟି ସୋଲାର ଲାଇଟ୍ ଲଗାଯାଇଥିଲା । କିଛିଦିନ ଜଳିଲା ପରେ ଏଥିରୁ ୩ଟି ଲାଇଟ୍ ଚୋରି ହୋଇଥିବା ବେଳେ ବାକି ଲାଇଟ୍ ଜଳୁନାହିଁ। ନିମ୍ନମାନର ଲାଇଟ୍ ଯୋଗୁ ଏପରି ହୋଇଥିବା ଆଲୋଚନା ହେଉଛି। କ୍ରମାଗତ ଭାବେ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାଟପଦା ଜନଗହଳି ସ୍ଥାନ ହୋଇଥିଲେ ମଧ୍ୟ ମଦ୍ୟପଙ୍କ ଆଡ୍ଡା ଅସନ୍ତୋଷର କାରଣ ହୋଇଛି। ଜନଗହଳି ଅଞ୍ଚଳରେ ଥିବା ମାର୍କେଟ୍ ମଣ୍ଡପର ଅଭାବନୀୟ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ନମୂନା ବୋଲି ଆଲୋଚନା ହେଉଛି।

## ଚେକ୍ ବାଉଁଶ କେସ୍‌ରେ ଫେରାର୍‌ଥିବା ୨ ଅଭିଯୁକ୍ତ ଗିରଫ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ପକ୍ଷରୁ ଚେକ୍ ବାଉଁଶ କେସ୍‌ରେ ୨ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଡିପଦା ପଞ୍ଚାୟତ ମୁଥାନଗର ଗ୍ରାମର ସନ୍ତୋଷ କର ଓ କୋରକଦା ଗ୍ରାମର ଶ୍ରୀପତି ତ୍ରିପାଠୀ। ସୂଚନାଥାଉ କି ୨୦୧୨ ମସିହାରେ ସନ୍ତୋଷ କର ବଜାଜ୍ ଫାଇନ୍‌ନ୍ସରୁ ମାଧ୍ୟମରେ ଲୋନ୍ କରି ଗାଡି କିଣିଥିଲେ। ସେଥିରେ ଚେକ୍ ବାଉଁଶ ହୋଇଥିଲା। ଏନେଇ ବଜାଜ୍ ଫାଇନ୍‌ନ୍ସ ପକ୍ଷରୁ କୋର୍ଟରେ ଆଶ୍ରୟ ନେଇଥିଲେ। ତେବେ ସନ୍ତୋଷଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ରାତିରେ ଧାମନଗର ପୋଲିସ ପକ୍ଷରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି କୋରକଦା ଗ୍ରାମର ଶ୍ରୀପତି ତ୍ରିପାଠୀ ସ୍ଥାନୀୟ କିଛି ଲୋକଙ୍କ ପାଖରୁ ଟଙ୍କା ନେଇଥିଲା। ତାଙ୍କୁ ଶୁଝିବା ଲାଗି ଚେକ୍ ଦେଇଥିଲେ। ହେଲେ ବ୍ୟାଙ୍କରେ ଟଙ୍କା ରଖିନଥିଲେ। ଚେକ୍ ବାଉଁଶ ହୋଇଥିଲା। ଏନେଇ କୋର୍ଟର ଆଶ୍ରୟ ପରେ ଶ୍ରୀପତିଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ତେବେ ଧାମନଗର ପୋଲିସ ତାଙ୍କୁ ମଧ୍ୟ ଶନିବାର ରାତିରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲେ।

# ପୌରସଂସ୍ଥା ପକ୍ଷରୁ ପଲିଥିନ ଦୋକାନ ଉପରେ ଚଢଉ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବ୍ୟାପକ ପରିମାଣରେ ପଲିଥିନ ବ୍ୟବହାର ଦ୍ୱାରା ଜଳବାୟୁ ଉପରେ ପ୍ରଭାବ ପଡୁଥିବାର ଅଭିଯୋଗ ପାଇବା ପରେ ତାଙ୍କ ନିର୍ଦ୍ଦେଶରେ ପୌରସଂସ୍ଥା ତରଫରୁ ପଲିଥିନ ବ୍ୟବହାର କରୁଥିବା ଦୋକାନୀ ମାନଙ୍କ ଉପରେ ଚଢଉ କରାଯାଇଛି । ପୌରସଂସ୍ଥାର ଏଲଆଇ ରମାକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ତିନିମୁହାଣୀ ଠାରୁ ସାନ୍ତସାହି ପୋଲ ପର୍ଯ୍ୟନ୍ତ ପଲିଥିନ ବ୍ୟବହାର କରୁଥିବା, ବିକ୍ରି କରୁଥିବା ଏବଂ ପଲିଥିନରେ ସଉଦା ବିକ୍ରି କରୁଥିବା ଦୋକାନୀ ମାନଙ୍କ ଉପରେ ଚଢଉ କରି ୫୩ କେଜି ପଲିଥିନ ଜବତ କରିବା ସହିତ ପ୍ରାୟ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢଉ ସମୟରେ ପ୍ରଦିପ୍ତ କୁମାର ମହାନ୍ତି, ପିକେ ମଲିକ, କପିଳେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ||||||||||||| ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସାଂସଦ କମିଟି ବୈଠକ |||||||||||||

# ଭର୍ତ୍ତୃହରି ମହତାବ ହେଲେ ମଣ୍ଡଳସ୍ତରୀୟ କମିଟି ସଭାପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦ ମାନଙ୍କ ଏକ ମଣ୍ଡଳ ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶାର ବିଶିଷ୍ଟ ସାଂସଦ ମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ସାଂସଦମାନେ ବରିଷ୍ଠ ସାଂସଦ ତଥା ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ମଣ୍ଡଳ ସ୍ତରୀୟ କମିଟିର ସଭାପତି ଭାବରେ ମନୋନିତ କରିଥିଲେ । ଏହି ବୈଠକରେ ଯୋଗଦାନ କରିଥିବା ସାଂସଦମାନେ ହେଲେ ପୁରୀର ସମ୍ବିତ ପାତ୍ର, ରାଜ୍ୟସଭା ସଭ୍ୟ ସୁଲତା ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, କେନ୍ଦୁଝରର ସାଂସଦ ଅନନ୍ତ ନାୟକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ସଂସଦ ଡ. ରବୀନ୍ଦ୍ରନାରାୟଣ ବେହେରା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ




ଓ ରାଜ୍ୟସଭା ସଭ୍ୟ ଦେବାଶିଷ ସାମନ୍ତରାୟ ସାଂସଦମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତ୍ତିଭୂମି ବୃଦ୍ଧି ତଥା ଏହି ଅଞ୍ଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ୍ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ । ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ୍ ସେବା ସମ୍ପ୍ରସାରଣ କରିବା । ନୂତନ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା । ରୋଡ଼ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର୍ ବ୍ରିଜ୍‌ର ବିକାଶ । ଷ୍ଟେସନ୍ ମାନଙ୍କରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା । ଟ୍ରେନ୍, ପ୍ଲାଟ୍‌ଫର୍ମ ଓ ଷ୍ଟେସନ୍ ପରିସରରେ ସ୍ୱଚ୍ଛତା ସମ୍ବନ୍ଧରେ ବିଶେଷ ଧ୍ୟାନଦେବା । ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା ଏବଂ ବିଭିନ୍ନ ଷ୍ଟେସନ୍ ଠାରେ ଟ୍ରେନ୍ ରହଣି ସମ୍ବନ୍ଧୀୟ ଜନସାଧାରଣଙ୍କ ଦାବି ପୂରଣ ଏବଂ ରହଣି ବ୍ୟବସ୍ଥା କରିବା ଉପରେ ଆଲୋଚନା କରିଥିଲେ। ଆଞ୍ଚଳିକ ପଣ୍ୟ ପରିବହନ ଚାହିଦା ପୁରାଣ କରିବା ସହିତ କ୍ରମାଗତ ଭାବେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା କ୍ଷେତ୍ରରେ ପୂର୍ବତଟ ରେଳପଥର ପ୍ରଚେଷ୍ଟାକୁ ସାଂସଦମାନେ ପ୍ରଶଂସା କରିଥିଲେ । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ତାଙ୍କ ଅଭିଭାଷଣରେ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ଉପଦେଶ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି । ଯାତ୍ରୀ ସେବାରେ ଉନ୍ନତି ଏବଂ ଚାଲୁରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଉପରେ ଧ୍ୟାନ ଦେଇ ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରି ଯାତ୍ରୀ ପରିସେବା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ବିଭିନ୍ନ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ରେଳମଣ୍ଡଳର ଭୌଗୋଳିକ ପ୍ରସାର, କାର୍ଯ୍ୟକ୍ଷମ ପ୍ରଦର୍ଶନ ଏବଂ ଉନ୍ନତ ଦକ୍ଷତା ଏବଂ ସେବା ପ୍ରଦାନରେ ଯୋଗଦାନ କରୁଥିବା ପ୍ରମୁଖ ପଦକ୍ଷେପଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ।

## ଡିଭାଇଡ଼ରରେ କାର୍ ପିଟିହୋଇ ଯୁବକର ମୃତ୍ୟୁ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁରରେ ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ ହୋଇଛି। ମୃତକ ଜଣକ ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ଷ୍ଟେସନ୍ ବଜାର ଅଞ୍ଚଳର ସୌମ୍ୟ ରଞ୍ଜନ ବାରିକ (୨୭)। ସୂଚନା ଅନୁଯାୟୀ, କୌଣସି କାର୍ଯ୍ୟ ପାଇଁ ଏକ କାର୍‌ରେ ୩ଜଣ ବମ୍ବେ ଛକକୁ ଯାଇଥିଲେ। ସେଠାରୁ ବାରିପଦାକୁ ପ୍ରତ୍ୟାବର୍ତ୍ତନ କରିବା ବେଳେ ରାତି ପ୍ରାୟ ୧ ସମୟରେ ଦାମୋଦରପୁର ସ୍ଥିତ ଜାତୀୟ ରାଜପଥ ନମ୍ବର ୧୮ରେ ଦୁର୍ଘଟଣା ଘଟିଥିଲା। କାର୍‌ଟି ଦ୍ରୁତ ଗତିରେ ଥିବା ବେଳେ ସମ୍ମୁଖରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିଥିଲା। ତେବେ ଚାଳକ ଜଣକ ଅତର୍କିତ ଭାବେ ବ୍ରେକ୍ ମାରିବାରୁ ଭାରସାମ୍ୟ ହରାଇ ଡିଭାଇଡ଼ରକୁ ଧକ୍କା ଦେଇଥିଲେ। ଯାହାଫଳରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ସୌମ୍ୟଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ପିଆର୍‌ଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ସୌମ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଅନ୍ୟ ଦୁଇ ଜଣ ଚିକିତ୍ସା ଜାରି ରହିଛି। ଏନେଇ ବାରିପଦା ସଦର ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ଶିକ୍ଷାବିତଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ: ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଦିନକୁ ଦିନ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଅନେକ ସମୟରେ ଧନ ଜୀବନ ଅସୁରକ୍ଷିତ ହୋଇପଡିଛି । ରାଜପଥରେ ଲୁଟ୍ ଓ ବିଳମ୍ବିତ ରାତିରେ ଘରେ ପଶି ଲୁଟିବା ଘଟଣା ଉପରେ ରୋକ୍ ଲାଗୁନାହିଁ । ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ବିଚାର ବିଭାଗୀୟ ହାଜତରୁ ଫେରି ଆସି ପୁଣି ଏହି ବେଆଇନ୍ କାର୍ଯ୍ୟରେ ଲିପ୍ତ ହେଉଛନ୍ତି । ଯାହାକି ପ୍ରଶାସନ ଓ ଜନସାଧାରଣଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ବନ୍ଧଡିହ ପଞ୍ଚାୟତ ଆଖୁଆକୂଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ନାୟକ ଓ ବିଜୟ ବେହେରାଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ମହେଶ୍ୱରଙ୍କ ସିଡି ଘର ଦେଇ ଦୁର୍ବୃତ୍ତମାନେ ପଶି ଏକ କୋଠରୀରେ ଥିବା ଆଲମିରାକୁ ଭାଙ୍ଗି ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ଯାଇଥିବା ବେଳେ ଏହି ଗ୍ରାମର ବିଜୟ ବେହେରାଙ୍କ ଘରେ ପଶି ଘର ଭିତରେ ଥିବା ଏକ ଲୁଗା ଭର୍ତ୍ତି ଆଟାଚକୁ ନେଇ ଯାଇଥିଲେ । ଘରଠାରୁ କିଛି ଦୂରରେ ସୁନା ଗହଣା ଥିବା ଖୋଳ ଓ ଆଟାଚକୁ ଫୋପାଡି ଦେଇଥିବା ଦେଖିବାକୁ ମିଳିଥିଲା । ଏନେଇ ମହେଶ୍ୱର ନାୟକଙ୍କ ପୁଅ ସ୍ୱୟଂ ପ୍ରକାଶ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ଏବଂ ଅଧିକ ତଦନ୍ତ ପାଇଁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲେ । ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘର ସମେତ ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି । ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି ।

# ବିଶ୍ୱରେ ମାଛ ଉତ୍ପାଦନରେ ଭାରତର ସ୍ଥାନ ଚତୁର୍ଥ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ବିଭାଗ, ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଧୂପଦୀପ ପୁଷ୍ପ ଅର୍ପଣ କରି କାର୍ଯ୍ୟାରମ୍ଭ ହୋଇଥିଲା। ଏହି ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇଥିବା ବେଳେ ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ରାଉତ, ଅପିକୋଲ ଜିଲ୍ଲା ସଂଯୋଜକ ପ୍ରତିଜ୍ଞା ଉତ୍କଳିକା ଦାସ, ମେରାଇନ୍, ଏ.ଡି.ଏଫ୍.ଓ ସି.ଏସ.ପଲ୍ଲବୀ, ଟ୍ରଲୋର ସଂଗଠନ ଅଧ୍ୟକ୍ଷ ବାଦଲ ଦାସ, ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଦିବସ ପାଳନ ସମାରୋହରେ ବାଲେଶ୍ୱର ଜିଲ୍ଲା




ମତ୍ସ୍ୟ ବିଭାଗୀୟ ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ଦିବସ ପାଳନର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱାଗତ ଅଭିଭାଷଣରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ମାଛ ଚାଷ ଏକ ଲାଭଦାୟକ ଉତ୍ସ।ସାରା ବିଶ୍ୱରେ ଆମ ଭାରତ ମାଛ ଅମଳ ବା ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ମାଛରୁ ଆମେ ବିଭିନ୍ନ ଭିଟାମିନ୍ ପାଇଥାଉ ।ଓମେଗା ଭଳି ଉତ୍କୃଷ୍ଟ ମାନର ଭିଟାମିନ୍ ଉପାଦାନ ପାଇପାରିଥାଉ। ତେଣୁ ମତ୍ସ୍ୟ ଚାଷ କରି ଉନ୍ନତ ମାନର ଯାଆଁଳି ବ୍ୟବହାର କରି ଅଧିକ ଉତ୍ପାଦନ ନିମେନ୍ତ ସରକାରଙ୍କର ବିଭିନ୍ନ ଯୋଜନାର ଫାଇଦା ନେବାକୁ ଉପସ୍ଥିତ ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ, ମତ୍ସ୍ୟ ଚାଷୀମାନଙ୍କୁ ପ୍ରବର୍ତ୍ତାଇଥିଲେ। ଅନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁଧାକର ନାୟକ ଏହି ବିଶ୍ୱ ମତ୍ସ୍ୟ ଦିବସ ବିଗତ ୨୦୧୮ ମସିହାରୁ ପାଳନ ହୋଇଆସୁଥିବା ବେଳେ ଆମ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଏହି ଦିବସ ପାଳନର ଆବଶ୍ୟକତା, ମତ୍ସ୍ୟଜୀବୀ ପରିବାର ପ୍ରତି ସରକାରଙ୍କ ଆଭିମୁଖ୍ୟ, ବିଭିନ୍ନ ଯୋଜନା ଏବଂ ସହାୟତା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନୀତ ଅତିଥି ଗଣ ମାଛ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୫ ଗୋଟି ବିଭାଗରେ ୧୧୭ ଗୋଟି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ବ୍ୟାଙ୍କ ମାଧ୍ୟମରେ ରିହାତିରେ ଋଣ ଅର୍ଥ ଯୋଗାଇ ଦେଉଥିବା ସମ୍ପର୍କରେ ଅବଗତ କରିଥିଲେ। ଏହି ମତ୍ସ୍ୟ ଚାଷ ପାଇଁ ଆଗ୍ରହୀ ହିତାଧିକାରୀ ଆବଶ୍ୟକ ଜମିରେ ପୋଖରୀ ଖୋଳିବା ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ଅନୁସୂଚୀତ ଜାତି ଓ ଜନଜାତି ବର୍ଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ସର୍ବାଧିକ ୫୦ରୁ ୬୦ ପ୍ରତିଶତ ରିହାତି ଏବଂ ସାଧାରଣ ବର୍ଗଙ୍କ ନିମନ୍ତେ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ମଧୁର ଜଳ ଓ ସାମୁଦ୍ରିକ ଜଳ ମାଛ ଶିକାର ବେଆଇନ୍ ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଏବଂ ମାଛ ଯାଆଁଳି ସମୟରେ ସମୁଦ୍ରରେ ମାଛ ଶିକାର ବେଆଇନ୍, ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ସଙ୍ଗେ ସଙ୍ଗେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ଜିଲ୍ଲା ଓ ବ୍ଲକରୁ ସାମିଲ ହୋଇଥିବା ୫ ଗୋଟି ବିଭାଗର ଅଧିକାରୀ, କର୍ମକର୍ତ୍ତା, ମତ୍ସ୍ୟ ଚାଷୀ, ମତ୍ସ୍ୟଜୀବୀ ସଂଗଠନର କର୍ମକର୍ତ୍ତା, ମତ୍ସ୍ୟ ବ୍ୟବସାୟୀ, ଟ୍ରୋଲର୍ ସଂଗଠନ କର୍ମକର୍ତ୍ତା ସମେତ ସାମ୍ବାଦିକ ବନ୍ଧୁ ଯୋଗଦେଇଥିଲେ। ଏହି ଦିବସ ପାଳନର ସଫଳତା ନିମନ୍ତେ ସହକାରୀ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବାହାନଗା ସହକାରୀ ମତ୍ସ୍ୟ ଅଧିକାରୀ ଅନିଶା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ୩୩ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଚାଷ ନଷ୍ଟ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ପୋଲିସ ଆମ୍ବଝରୀ ଗ୍ରାମ ପଞ୍ଚାୟତ ଚାରଭାଟି ଗ୍ରାମ ନିକଟ ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜେଇ ଚାଷ ହୋଇଥିବା ସୂଚନା ପାଇ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଥାନା ଓ ବଘିଆପଡା ଫାଣ୍ଡି ପୋଲିସର ଏକ ଟିମ୍ ଚାର ଭାଟି ଜଙ୍ଗଲରେ ଚଢଉ କରିଥିଲା। ଉକ୍ତ ଅଞ୍ଚଳରେ ବେଆଇନ୍ ଚାଷ ହୋଇଥିବା ପ୍ରାୟ ୩୩ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଗଛ ଗୁଡିକ କାଟି ପୋଡି ଦିଆଯାଇଥିବା ବୌଦ୍ଧ ଥାନା ପକ୍ଷରୁ ସୂଚନା ମିଳିଛି।

## ରାସ୍ତାରେ ହୁ ହୁ ହୋଇ ଜଳିଲା କାର୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ତିନିମୁହାଣୀ ପେଟ୍ରୋଲ ପମ୍ପ ନିକଟରେ ଦୁହୁଡିଆ ଅଞ୍ଚଳର ଏକ କାର୍ ରାସ୍ତା ଉପରେ ହୁ ହୁ ଜଳିବାର ଦେଖିବାକୁ ମିଳିଥିଲା । ମିଳିଥିବା ସୂଚନା ଅନୁଯାଇ ବିଳମ୍ବିତ ରାତିରେ ରାସ୍ତା କଡରେ ଥୁଆହୋଇଥିବା ଏକ ଗାଡିକୁ ପଛ ପଟରୁ ଧକ୍କା ଦେଇ କାର୍‌ଟି ପୁନର୍ବାର ଷ୍ଟାର୍ଟ ମାରି ଯିବାପାଇଁ ଉଦ୍ୟମ କରୁଥିବା ବେଳେ ହଠାତ୍ ଗାଡିରେ ନିଆଁ ଲାଗିଯାଇ ହୁ ହୁ ହୋଇ ଜଳିଯାଇଥିଲା । ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା କାର୍‌ଟିକୁ ବଞ୍ଚାଇ ପାରିନଥିଲେ । ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି । ତେବେ ଗାଡିରେ ବସିଥିବା ଲୋକଙ୍କର ଏହି ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନଥିବା ଜଣାପଡିଛି।



## ଲୋକ ଉତ୍ସବ ବିଳମ୍ବ ଘଟଣା:ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର କଳା ସଂସ୍କୃତିର କେନ୍ଦ୍ରସ୍ଥଳି ଭାବେ ବେଶ୍ ପରିଚିତ । ଏହି ସହରରୁ ଏବଂ ଗ୍ରାମରୁ କେତେ ଯେ କଳାକାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନାମ କମାଇଥିବା ବେଳେ ବିଭିନ୍ନ ଜିଲ୍ଲା ଏବେ ଧୁମ୍‌ଧାମ୍‌ରେ ଉତ୍ସବ ପାଳନ ହେଉଥିବା ବେଳେ ରାଜ୍ୟ ସରକାର ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୨୫-୨୬ ବର୍ଷ ବିଭିନ୍ନ ଜିଲ୍ଲା ଉତ୍ସବ ପାଇଁ ଅନୁଦାନ ଆସିଥିବା ବେଳେ ଆଖପାଖ ପଡୋଶୀ ଜିଲ୍ଲା ଉତ୍ସବ ଆୟୋଜିତ ହେଉଥିବା ବେଳେ କାହିଁକି ଏ ବର୍ଷ ବଲାଙ୍ଗିର ଲୋକମହୋତ୍ସବ ବିଳମ୍ବ ହେଲା କଳାକାର ଓ ବୁଦ୍ଧିଜୀବୀ ବଲାଙ୍ଗିରରେ ବେଶ୍ ଆଲୋଚନା ହେଉଛି । ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ପ୍ରଥମ କରି ୧୯୯୯ ମସିହାରୁ ନଭେମ୍ବର ପହେଲା ସପ୍ତାହରୁ ମହୋତ୍ସବ ଆୟୋଜିତ ହେଉଥିଲା ଐତିହାସିକ କଳା ମଣ୍ଡପ ପଡିଆରେ । ଏହି ଉତ୍ସବ ପାଇଁ ଗ୍ରାମ କଳାକାର, ବ୍ୟବସାୟୀ ଲୋକେ ଚାହିଁବସିଥାନ୍ତି । କିଛି ବର୍ଷ ହେବ ଜାନୁୟାରୀ ମାସରେ ଆୟୋଜନ ହେଉଛି । ଏ ବର୍ଷ ବିଳମ୍ବ ହେବା ସମ୍ଭାବନା ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀ ଓ ସାଂସ୍କୃତିକ ମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଙ୍କ ଜରିଆରେ ଏକ ତିନି ଜଣିଆ କମିଟିର ସଦସ୍ୟ ଯାଇ ମହୋତ୍ସବ ଆୟୋଜନ ପାଇଁ ଦାବି ପତ୍ର ଦେଇଛନ୍ତି । ଆଗକୁ ବିଭିନ୍ନ କଲେଜ ଏବଂ ସ୍କୁଲର ପରୀକ୍ଷା ହେଉଥିବାରୁ ଉତ୍ସବଟି ବାଧା ସୃଷ୍ଟି ହେବ ତେଣୁ ମହୋତ୍ସବ ଶିଘ୍ର ଆୟୋଜନ ପାଇଁ ଦାବି ଜଣାଇଛନ୍ତି । ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର ଓ କମିଟିର ସଦସ୍ୟ ଦାବିପତ୍ର ଜଣାଇଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ / ୮ | ୬ | ଶୁକ୍ର ୫ / ରାଧ ୪ |
| ୯ବୃ | ୨୨ / ୧୦ | ଚ୩ |
| ୧୦ କେ / ୧୧ | ଶୁବୁ୧୨ | ୨ / ରମ୍ଭଲ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ ୬୯ଙ୍କ
**ତା୨୬।୧୧।୨୦୨୫, ମାର୍ଗଶିର ଦି୧୧ନ, ବୁଧବାର**
**ସୂର୍ଯ୍ୟୋଦୟ-** ଘ୬।୦୧।୪୮ **ଚନ୍ଦ୍ରୋଦୟ-** ଦିଘ୧୦।୪୯।୨୨
**ଷଷ୍ଠୀ-** ରାଘ୧୨।୦୨ପର୍ଯ୍ୟନ୍ତ। **ଶ୍ରବଣା ନକ୍ଷତ୍ର-** ରାଘ ୧।୩୨ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୧୨।୦୨ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୮।୧୭ ମଧ୍ୟେ । ଦିଘ ୧।୨୩ ଗତେ ଘ ୩।୩୪ ମଧ୍ୟେ । **ପର୍ବୋତ୍ସବ-** ଓଢ଼ଣ ଷଷ୍ଠୀ, ପ୍ରାବରଣ ଷଷ୍ଠୀ।


**ମେଷ:** ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଶତ୍ରୁମାନେ ପରାସ୍ତ ହେବେ। ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ଦେହ ଭଲ ରହିବ।


**ବୃଷ:** କର୍ମକ୍ଷେତ୍ରରେ ସଫଳ ହେବେ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମନରେ ଶାନ୍ତି ଅନୁଭବ କରିବେ। ବନ୍ଧୁ ଦର୍ଶନର ସୁଯୋଗ।


**ମିଥୁନ:** ଶାରୀରିକ ଅସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା।


**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଚାକିରୀ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ବନ୍ଧୁ ମିଳନ ସହିତ ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଦୂରଯାତ୍ରା କରିବାର ସମ୍ଭାବନା ରହିଛି।


**ସିଂହ:** ବନ୍ଧୁ ମିଳନରେ ଆପ୍ୟାୟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାର ସ୍ଥିର ରହିବ। ପରିବାରରେ ସୁଖ ଶାନ୍ତି ବଜାୟ ରହିବାର ସୂଚନା। ମାଲିମୋକଦ୍ଦମାରେ ସଫଳତା ହାସଲ ହେବାର ସୂଚନା।


**କନ୍ୟା:** କ୍ରୋଧର ପରିମାଣ ବଢ଼ିବ। ଆଶା କରୁଥିବା ଦିଗରୁ ଆୟ ହେବ। ଗୃହରେ ସୁଖ ସନ୍ତୋଷ ଲାଭ ହେବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମହିଳାମାନେ ସୁଖୀ ହେବେ। ଯଶସ୍ୱୀ ହେବେ। ଦୂରଯାତ୍ରା କରିପାରନ୍ତି।


**ତୁଳା:** ଅଧିକ ପରିଶ୍ରମ କରିବେ ହେଲେ ପାରିଶ୍ରମିକ ମନୋନିତ ହେବନାହିଁ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ସୁସମ୍ବାଦ ସହିତ ଉତ୍ତମ ଭୋଜନ ପ୍ରାପ୍ତ ହେବ। କଚେରି ମାମଲାରେ ସଫଳତା ମିଳିବ।


**ବିଛା:** କର୍ମକ୍ଷେତ୍ରରେ ବାଦବିବାଦ ଦେଖାଦେବ। ଶତ୍ରୁମାନେ ପରାସ୍ତ ହେବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସହଯୋଗ ଦେଖାଦେବ। ମହିଳାମାନେ ସୁଖୀ ହେବେ। ମନ ଭଲ ରହିବ ।


**ଧନୁ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପରିଶ୍ରମର ପରିମାଣ ଅଧିକ ହେବ। ଘରକୁ ସୌଖିନ୍ୟ ଦ୍ରବ୍ୟ କ୍ରୟ କରିବେ। ରୋଜଗାର ସ୍ଥିର ରହିବ। ଦୂରଯାତ୍ରା ସଫଳ ହେବ। ଦେବ ଦର୍ଶନର ସୁଯୋଗ ସୃଷ୍ଟି ହେବ।


**ମକର:** ପରାଧୀନତା ଅନୁଭବ କରିବେ। ଠକାମିରେ ପଡ଼ିପାରନ୍ତି। ଏଣୁ ସାବଧାନ ରହିବେ। ଆୟ ଓ ବ୍ୟୟ ସମାନ ରହିବ। କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ। ଗୃହେ ଆନନ୍ଦ ପ୍ରାପ୍ତି।


**କୁମ୍ଭ:** ଚାକିରୀ କ୍ଷେତ୍ରରେ ପଦୋନ୍ନତିର ଆଶା। ସୁସ୍ୱାଦୁ ଭୋଜନ ମିଳିବ। ଶୁଭ ଖବର ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟରେ ଉନ୍ନତି। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।


**ମୀନ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପର ପାଇଁ ନିଜେ ହଇରାଣରେ ପଡ଼ିବେ। ପରିବାରରେ ଆନନ୍ଦ ଲାଭ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ ୬୯ଙ୍କ
**ତା୨୭।୧୧।୨୦୨୫, ମାର୍ଗଶିର ଦି୧୨ନ, ଗୁରୁବାର**
**ସୂର୍ଯ୍ୟୋଦୟ-** ଘ୬।୦୨।୨୬ **ଚନ୍ଦ୍ରୋଦୟ-** ଦିଘ୧୧।୨୭।୧୧
**ସପ୍ତମୀ-** ରାଘ୧୨।୩୦ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୨।୩୧ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ଦିଘ ୨।୦୬ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର। ଦିଘ ୨।୦୬ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। ଦିଘ ୨।୦୬ ଗତେ ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୨।୩୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୭।୩୩ ମଧ୍ୟେ । ସଂଘ ୫।୫୪ ଗତେ ରାଘ ୯।୨୪ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଶ୍ୱର ସବୁଠାରୁ ଭଲ ସହର ଭିତରେ ଶୀର୍ଷରେ ଲଣ୍ଡନ

ବିଶ୍ୱର ଶ୍ରେଷ୍ଠ ୧୦୦ ସହରର ତାଲିକା ପ୍ରକାଶ ପାଇଛି, ଯେଉଁଥିରେ ଲଣ୍ଡନ ଶୀର୍ଷରେ ଅଛି। ତାଲିକାରେ ନ୍ୟୁୟର୍କ ଦ୍ୱିତୀୟ ସ୍ଥାନରେ ଅଛି, ତା'ପରେ ପ୍ୟାରିସ୍ ତୃତୀୟ ସ୍ଥାନରେ ଅଛି। ଇପସୋସ୍ ସହିତ ସହଭାଗିତାରେ ରେଜୋନେନ୍ସ କନସଲଟାନ୍ସି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଲଣ୍ଡନ ଲଗାତାର ୧୧ ତମ ବର୍ଷ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ପାଲଟିଛି। ୨୦୨୬ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ରିପୋର୍ଟରେ ରାଜଧାନୀର ବାକି ସବୁ ଦାବିଦାର ଭଲ ପ୍ରଦର୍ଶନ କରିଛି। ଏହି ରିପୋର୍ଟରେ ୨୦୨୫-୨୬ ରେ ରହିବା, କାମ କରିବା ଏବଂ ବୁଲିବା ପାଇଁ ବିଶ୍ୱର ଶ୍ରେଷ୍ଠ ୧୦୦ଟି ସହର ତାଲିକାଭୁକ୍ତ କରାଯାଇଛି। ୟୁରୋପୀୟ ସହରଗୁଡ଼ିକ ରାଙ୍କିଙ୍ଗରେ ଶୀର୍ଷରେ ରହିଛି। ଲଣ୍ଡନ ଶୀର୍ଷ ସ୍ଥାନ ଅଧିକାର କରିଛି। ନ୍ୟୁୟର୍କ ଦ୍ୱିତୀୟ ସ୍ଥାନ ହାସଲ କରିଛି, ତା'ପରେ ପ୍ୟାରିସ୍ ତୃତୀୟ ସ୍ଥାନରେ ରହିଛି। ଟୋକିଓ ଚତୁର୍ଥ, ମାଡ୍ରିଡ୍ ପଞ୍ଚମ ଏବଂ ସିଙ୍ଗାପୁର ଷଷ୍ଠ ସ୍ଥାନରେ ଅଛି। ତାଲିକାରେ ରୋମ ସପ୍ତମ ସ୍ଥାନରେ ରହିଛି, ତା'ପରେ ଦୁବାଇ ରହିଛି, ଯାହା ପଶ୍ଚିମ ଏସିଆର ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ବର୍ଲିନ୍ ନବମ ସ୍ଥାନ ଅଧିକାର କରିଛି, ସେଭଳି ବାର୍ସିଲୋନା ଟପ୍ ୧୦ରେ ରହିଛି। ଭାରତର ଟେକ୍ ପାୱାରହାଉସ୍ ବେଙ୍ଗାଲୁରୁ, ଯାହାକୁ ପ୍ରାୟତଃ 'ଭାରତର ସିଲିକନ୍ ଭ୍ୟାଲି'କୁହାଯାଏ, ତାହା ବିଶ୍ୱ ସ୍ତରରେ ୨୯ତମ ସ୍ଥାନରେ ରହିଛି। ଏହା ପରେ ଆର୍ଥିକ ରାଜଧାନୀ ମୁମ୍ବାଇ ୪୦ତମ, ଜାତୀୟ ରାଜଧାନୀ ଦିଲ୍ଲୀ ୫୪ତମ ଏବଂ ହାଇଦ୍ରାବାଦ ୮୨ତମ ସ୍ଥାନରେ ରହିଛି। ରିପୋର୍ଟରେ ବିଶ୍ୱର ୨୭୦ ରୁ ଅଧିକ ସହର ମୂଲ୍ୟାଙ୍କନ କରାଯାଇଥିଲା, ଯାହାର ଜନସଂଖ୍ୟା ଦଶ ଲକ୍ଷରୁ ଅଧିକ। ଯାହାଦ୍ୱାରା ଏହା ବୁଝିହେବ ଯେ, କେଉଁ ସହର ସବୁଠାରୁ ଭଲ ଅଭିଜ୍ଞତା ପ୍ରଦାନ କରେ । ଏଥିରେ ସହର ଜୀବନର ଭିନ୍ନ ଭିନ୍ନ ଦିଗ, ଯେପରିକି ଶିକ୍ଷା, ସଂସ୍କୃତି, ସଂଯୋଗୀକରଣ, ନାଇଟ୍ ଲାଇଫ୍, ସୁରକ୍ଷା ଏବଂ ଅନ୍ୟାନ୍ୟ ଇଣ୍ଡିକେଟର୍ସର ଷ୍ଟଡି କରାଯାଇଥିଲା। ବାସଯୋଗ୍ୟତା, ସୌହାର୍ଦ୍ଦ୍ୟଭାବ ଏବଂ ସମୃଦ୍ଧି। ସହରରେ ଜୀବନ କେତେ ଆରାମଦାୟକ ଏବଂ ସୁବିଧାଜନକ ଜୀବନଯାପନର ଖର୍ଚ୍ଚ, ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟ ସେବା ଏବଂ ଲୋକମାନେ ସେଠାରେ କେତେ ଖୁସିରେ ରହୁଛନ୍ତି ସେଭଳି ଚାକିରି ସୁଯୋଗ, ଶିକ୍ଷା ଏବଂ ଆୟ ସ୍ତର ଦୃଷ୍ଟିରୁ ଆର୍ଥିକ ଅଭିବୃଦ୍ଧିକୁ କିଭଳି ସେ ସବୁ ଉପରେ ଷ୍ଟଡି କରାଯାଇଥିଲା।

# ମୃତ୍ୟୁ ପଥର ଯାତ୍ରୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

୧୯୪୫ ମସିହାର କଥା। ମିତ୍ରଶକ୍ତି ସହ ଯୁଦ୍ଧ କରି ଯେତେବେଳେ ଜାପାନ ପଛ ଘୁଞ୍ଚା ଦେବାକୁ ଆରମ୍ଭ କରିଦେଇଥିଲା ସେତେବେଳେ ତାହା ହାତରେ ରହିଯାଇଥିଲେ ବହୁ ଯୁଦ୍ଧବନ୍ଦୀ। ସେମାନଙ୍କୁ ଛାଡ଼ିଦେଲେ କାଳେ ମିତ୍ରଶକ୍ତିର ବଳ ବୃଦ୍ଧି ପାଇବ ସେଥିପାଇଁ ସେମାନଙ୍କୁ ଶାରୀରିକ ନିର୍ଯାତନା ଦେଇ ମାରିଦିଆଯାଉଥିଲା। ଯାହାସବୁ ଶୁଣିଲେ ଲୋମ ଏବେ ବି ଟାଙ୍କୁରି ଉଠେ। ସେହି ବନ୍ଦୀ ସୈନିକମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମରେ ଖାଲି ପାଦରେ ଚଲାଇ ଚଲାଇ ୧୬୦ ମାଇଲ ପର୍ଯ୍ୟନ୍ତ ନିଆଯାଉଥିଲା। ଯେଉଁଥିରେ ୨୪୦୦ ଯୁଦ୍ଧବନ୍ଦୀ ମରିଯାଇଥିଲେ। ଯେଉଁମାନେ ଚାଲି ପାରୁନଥିଲେ ସେମାନଙ୍କୁ ବାଟରେ ହିଁ ମାରିଦିଆଯାଉଥିଲା। ଏହିଭଳି ବିଭତ୍ସ ଦୃଶ୍ୟ ପୃଥିବୀର ଯୁଦ୍ଧ ଇତିହାସରେ କେବେହେଲେ କେଉଁଠାରେ ଦେଖାଯାଇନଥିଲା। କଥାଟା ବିଶ୍ୱାସକୁ ଆସୁ ବା ନଆସୁ ମାତ୍ର ସେହି ମୃତ ସୈନିକମାନଙ୍କର ଅତୃପ୍ତଆତ୍ମା ଏବେ ବି ବୋର୍ଣ୍ଣିଓ ଜଙ୍ଗଲରେ ଘୁରି ବୁଲୁଛନ୍ତି। ବ୍ରିଟିଶ୍ ସୈନ୍ୟବାହିନୀରୁ ଅବସର ନେଇଥିବା ମେଜର ଟ୍ୟୁଲକ୍ ନିଜେ ଦେଖିଥିବା ଏହିଭଳି ଏକ ଭୟଙ୍କର ଦୃଶ୍ୟର ବର୍ଣ୍ଣନା କରିଛନ୍ତି। ବୋର୍ଣ୍ଣିଓରେ ସେହି ଜଙ୍ଗଲର 'ମୃତ୍ୟୁ ପଥ' ଦେଇ ୨୦୧୦ ମସିହାରେ ଏକ ଚାରିଚକିଆ ଯାନରେ ସେ ଯାଉଥିବାବେଳେ ତାଙ୍କ ଗାଡ଼ିର କାଚରେ ପ୍ରତିଫଳନ ହେଲା ଏହିଭଳି ଏକ ଦୃଶ୍ୟ। ତାଙ୍କ ଗାଡ଼ିର ଆଗ କାଚର ଡେସ୍‌ବୋର୍ଡ଼ ଉପରେ ପ୍ରଥମେ ସେହି ଦୃଶ୍ୟ ପଡ଼ିଥିଲା। ସେ ଏହି ବିଚିତ୍ର ଦୃଶ୍ୟରେ ଦେଖିଲେ ଯେ ବହୁ ସୈନିକମାନଙ୍କ ଶରୀରର ଧାଡ଼ି ଆଗେଇ ଚାଲିଛି। ସେ ଭାବିନେଲେ ସମ୍ଭବତଃ ଡେସ୍‌ବୋର୍ଡ଼ ଉପରେ ଥିବା ଟାୱେଲରୁ ଏହିଭଳି ଛବି ଦୃଶ୍ୟ ହେଉଛି। ମାତ୍ର ତାହାକୁ ଉଠାଇ ଆଣିବା ପରେ ସେହି ଛବିଗୁଡ଼ିକ ଅନ୍ତର୍ହିତ ହେଲାନାହିଁ। ଏହାପରେ ସେ ବାଧ ହୋଇ କାରଟିକୁ ଅଟକାଇ ସେପରି ଦୃଶ୍ୟର ଫଟୋ ନେଇଥିଲେ ଏବଂ ସେହି ଶରୀରଗୁଡ଼ିକ ସୈନିକ କାଇଦାରେ ମାର୍ଚ୍ଚିଙ୍ଗ୍ କରି ଚାଲୁଥିବା ତାଙ୍କୁ ସ୍ତବ୍ଧ କରିଦେଇଥିଲା। ୨୦୧୦ ମସିହାରେ ଏହା ଉପରେ ଏକ ବିଶେଷ କାର୍ଯ୍ୟକ୍ରମ ସେ ଲଣ୍ଡନ ସହରରେ ଆୟୋଜନ କରିଥିଲେ। ଏହି ଚିତ୍ରଗୁଡ଼ିକ ଯେଉଁମାନେ ଦେଖିଥିଲେ ସେମାନେ ଭୟରେ ଶିହରି ଉଠିଥିଲେ। ଏହାକୁ କୁହାଯାଉଥିଲା ଜାପାନୀମାନଙ୍କ ଦ୍ୱାରା ଆୟୋଜିତ 'ଡେଥ୍ ମାର୍ଚ୍ଚ'। କେବଳ ବ୍ରିଟେନ ରୟେଲ ଆର୍ଟିଲେରିର ୪୦୦ ସୈନିକ ଯୁଦ୍ଧବନ୍ଦୀ ହୋଇ ଏହି ଡେଥ୍ ମାର୍ଚ୍ଚରେ ପ୍ରାଣ ହରାଇଥିଲେ। ଯେଉଁମାନେ ଏଥିରୁ ବର୍ତ୍ତି ଯାଉଥିଲେ ସେମାନଙ୍କୁ ଗୁଳି କରି କିମ୍ବା ବାୟୋନେଟ୍‌ରେ ଭୁଷି ମାରିଦିଆଯାଉଥିଲା। ଏପରି ଯାତ୍ରା ସାଣ୍ଡାକାନ୍‌ରୁ ରାନାଓ୍ୱ ପର୍ଯ୍ୟନ୍ତ ୧୬୦ ମାଇଲ୍ ଥିଲା ଏବଂ ଏହି ପଥକୁ ଅତିକ୍ରମ କରିବା ପାଇଁ ବନ୍ଦୀ ସୈନିକମାନଙ୍କୁ ବାଧ କରାଯାଇଥିଲା। ବାଟରେ ସେମାନଙ୍କୁ ଖାଇବା ତ ଦୂରରେ ଥାଉ ପାଣି ପିଇବା ପାଇଁ ମଧ୍ୟ ଦିଆଯାଉନଥିଲା। ପ୍ରଚଣ୍ଡ ସୂର୍ଯ୍ୟ ତାପରେ ସେମାନେ ଥକି ବସିପଡ଼ିଲେ ସେମାନଙ୍କୁ ଗୁଳି କରି ମାରିଦିଆଯାଉଥିଲା। ଏହି ଡେଥ୍ ମାର୍ଚ୍ଚରୁ ମାତ୍ର ୬ଜଣ ବ୍ରିଟିଶ୍ ସୈନିକ କୌଶଳ କରି ଜାପାନୀମାନଙ୍କ ହାତରୁ ଖସି ଆସିଥିଲେ। ଏପରି ଡେଥ୍ ମାର୍ଚ୍ଚରେ ବ୍ରିଟିଶ୍‌ମାନଙ୍କ ସହିତ ଅଷ୍ଟ୍ରେଲିଆନ୍‌ମାନେ ମଧ୍ୟ ଥିଲେ। ୬୬ବର୍ଷୀୟ ମେଜର୍ ଟ୍ୟୁଲକ୍ ଲେଖିଛନ୍ତି ଯେ ସେହି ବାଟରେ ତିନିଥର କରି ହଜାର ହଜାର ଯୁଦ୍ଧବନ୍ଦୀଙ୍କୁ ପ୍ରଚଣ୍ଡ ଖରାରେ ଖାଲିପାଦରେ ଚଲାଇ ଚଲାଇ ନିଆଯାଉଥିଲା। ସେ ଏହି ଦୃଶ୍ୟର ପ୍ରାୟ ୨୦୦ ଫଟୋ ଉଠାଇଥିଲେ। ସେଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଦେଖିଲାବେଳେ ତାହା ପ୍ରଥମେ ଅସ୍ପଷ୍ଟ ଥିଲା। ମାତ୍ର ପୁଣି ଦ୍ୱିତୀୟ ଥର ପଛକୁ କରିବା ପରେ ସେ ଦେଖିଥିଲେ ଓ ଯାହାକୁ ଦେଖି ନିଜେ ଭୟରେ ଶୀତେଇ ଥରି ଉଠିଥିଲେ। ସେ ଦେଖିଲେ ଯେ ପ୍ରେତାତ୍ମା ସୈନିକମାନେ ଜଙ୍ଗଲ ଭିତରୁ ବାହାରି ଆସୁଥାନ୍ତି ଓ ସେହି ଜଙ୍ଗଲ ରାସ୍ତାରେ ଶୃଙ୍ଖଳିତ ଭାବେ ରାନାଓ୍ୱ ଅଭିମୁଖେ ଚାଲୁଥିଲେ। ଯେଉଁମାନେ ଏହି ଛବିଗୁଡ଼ିକ ଥରେ ଦେଖୁଥିଲେ ସେଗୁଡ଼ିକୁ ଆଉ ଥରେ ଦେଖିବା ପାଇଁ ଇଚ୍ଛା କରୁନଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଶେଷତଃ ଜାପାନୀ ଓ ନାଜିମାନେ ମିତ୍ରପକ୍ଷର ଯୁଦ୍ଧବନ୍ଦୀମାନଙ୍କୁ ମାରିବା ନିମନ୍ତେ ଏପରି ଉପାୟ ଅବଲମ୍ବନ କରୁଥିଲେ। ଏହିଭଳି ଡେଥ୍ ମାର୍ଚ୍ଚରେ ମିତ୍ରବାହିନୀର ୮୦ହଜାର ସୈନିକଙ୍କୁ ସାମିଲ କରାଯାଇଥିଲା। ୧୯୪୫ ମସିହାର ପ୍ରାରମ୍ଭରେ ସେମାନଙ୍କୁ ପୋଲାଣ୍ଡ, ଚେକୋସ୍ଲୋଭାକିଆ ଓ ଜର୍ମାନୀରେ ଶହ ଶହ କିଲୋମିଟର ପ୍ରବଳ ଶୀତରେ ଚାଲିବାକୁ ପଡୁଥିଲା। ପ୍ରଥମେ ସେମାନଙ୍କୁ ବହୁ ଗୋଷ୍ଠୀରେ ବିଭକ୍ତ କରି ଗାର୍ଡ଼ମାନଙ୍କ ଉପସ୍ଥିତିରେ ଚାଲିବାକୁ ନିର୍ଦ୍ଦେଶ ଦିଆଯାଉଥିଲା। ପ୍ରତ୍ୟେକ ଦଳରେ ଥିଲେ ପ୍ରାୟ ୩୦୦ ସୈନିକ। ସେମାନଙ୍କୁ ଖାଦ୍ୟ ବା ପାନୀୟ ଦିଆଯାଉନଥିଲା। ଯାହାଫଳରେ ସେମାନେ ବାଟରେ ପଡ଼ି ମରିଯାଉଥିଲେ। ତାଙ୍କୁ ଜଗିଥିବା ଗାର୍ଡ଼ମାନେ ମଧ୍ୟ ଅନେକଙ୍କୁ ହତ୍ୟା କରୁଥିଲେ। ସରକାରୀ ହିସାବ ଅନୁଯାୟୀ ଆମେରିକା, ବ୍ରିଟେନ୍ ଓ କମନ୍‌ୱେଲଥର ୩୫୦୦ ସୈନିକ ଏହିଭଳି ମୃତ୍ୟୁବରଣ କରିଥିଲେ। ମାତ୍ର ବେସରକାରୀ ହିସାବରେ ଏହାର ସଂଖ୍ୟା ଥିଲା ୮୩୪୮।

ସେହିଭଳି ବାଟାନ୍ ଡେଥ୍ ମାର୍ଚ୍ଚରେ ଫିଲିପାଇନ୍ସର ୬୦ହଜାର ଓ ଆମେରିକାର ୧୫ହଜାର ସୈନିକଙ୍କୁ ଚଲାଯାଇଥିଲା। ସେମାନଙ୍କୁ କ୍ରମାଗତ ଭାବରେ ୧୨୮ କିଲୋମିଟର ଚାଲିବାକୁ ପଡ଼ିଥିଲା। ସେଥିରୁ ୧୧ହଜାର ସୈନିକଙ୍କୁ ମାଡ଼ ଦେଇ ଓ ବାୟୋନେଟ୍‌ରେ ଭୁଷି ହତ୍ୟା କରାଯାଇଥିଲା। ଏହି ଡେଥ୍ ମାର୍ଚ୍ଚର ସମୟ ଥିଲା ୬ଦିନ। ଗନ୍ତବ୍ୟ ପଥ ଥିଲା ପ୍ରାୟ ୯୦ ମାଇଲ। ପ୍ରକୃତରେ କେତେ ଯୁଦ୍ଧବନ୍ଦୀ ଏଥିରେ ମରିଛନ୍ତି ତାହାର ପ୍ରକୃତ ହିସାବ କୌଣସି ଐତିହାସିକ ପାଇପାରିନାହାନ୍ତି। କେବଳ ଯୁଦ୍ଧବନ୍ଦୀ ନୁହନ୍ତି ସାଧାରଣ ନାଗରିକ ମଧ୍ୟ ଜାପାନୀ ସୈନିକମାନଙ୍କର ବର୍ବର ଅତ୍ୟାଚାରରୁ ମୁକ୍ତି ପାଇପାରିନଥିଲେ। ଯୁଦ୍ଧ ଶେଷ ହେବା ପରେ ମିତ୍ରଶକ୍ତିମାନେ ଏକ ତଦନ୍ତ କମିଶନ ବସାଇ ଜାପାନୀମାନଙ୍କ ଯୁଦ୍ଧ ଅପରାଧର ବିଚାର କରିଥିଲେ। ଏଥିରୁ ଯାହା ଜଣାପଡ଼େ ଏତେ ସଂଖ୍ୟକ ସୈନିକଙ୍କୁ ବନ୍ଦୀ ରୂପରେ ପାଇବେ ବୋଲି ଜାପାନୀମାନେ କଳ୍ପନା କରିନଥିଲେ। ତେଣୁ ସେହିସବୁ ଯୁଦ୍ଧବନ୍ଦୀମାନଙ୍କୁ କେଉଁଠାକୁ ନେବା ପାଇଁ ପୂର୍ବ ପ୍ରସ୍ତୁତି ଆଦୌ ନଥିଲା। ସେହି ସୈନ୍ୟମାନଙ୍କଠାରୁ ଅସ୍ତ୍ର ଓ ମୂଲ୍ୟବାନ ବସ୍ତୁଗୁଡ଼ିକୁ ଛଡ଼ାଇ ନିଆଯାଇଥିଲା। ଏଥିରେ ଫିଲିପାଇନ୍ସର ପ୍ରାୟ ୪୦୦ ସେନା ଅଫିସର ଓ ଏନ୍.ସି.ଓ.ମାନେ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଏତେ ସଂଖ୍ୟକ ଯୁଦ୍ଧବନ୍ଦୀଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇବା ଜାପାନୀମାନଙ୍କ ପକ୍ଷରେ ସମ୍ଭବ ହୋଇନଥିଲା। ସେଥିପାଇଁ ସେମାନଙ୍କୁ ମୃତ୍ୟୁ ଶିବିରକୁ ପଠାଇ ଦିଆଯାଇଥିଲା। ଏହି ଶିବିରରୁ ଆରମ୍ଭ ହେଉଥିଲା ମୃତ୍ୟୁ ଯାତ୍ରା। ଏପରି ମାର୍ଚ୍ଚ ଆରମ୍ଭ ହେବାର ତିନିଦିନ ପୂର୍ବରୁ କୌଣସି ଖାଦ୍ୟ ସେମାନଙ୍କୁ ଦିଆଯାଉନଥିଲା। ରାସ୍ତାକଡ଼ରେ ଥିବା ଜଳାଶୟରୁ ମଇଳା ପାଣି ପିଇବା ନିମନ୍ତେ ସେମାନଙ୍କୁ ବାଧ କରାଯାଉଥିଲା। ଏପରିକି ବାଟରେ ଯାଉଥିବା ଯୁଦ୍ଧବନ୍ଦୀମାନଙ୍କୁ ଜୀଅନ୍ତା ସମାଧି ଦେବାକୁ ସହଯାତ୍ରୀ ସୈନିକମାନଙ୍କୁ ବାଧ କରାଯାଉଥିଲା। ଯେଉଁମାନେ ଏପରି କାର୍ଯ୍ୟ କରିବାକୁ ରାଜି ହେଉନଥିଲେ ସେମାନଙ୍କୁ ସେହିଠାରେ ହିଁ ଗୁଳିକରି ମାରି ଦିଆଯାଉଥିଲା। ବଲାଙ୍ଗ୍‌ଠାରେ ପହଞ୍ଚିବା ପରେ ଅବସ୍ଥା ଅଣଆୟତ୍ତ ହୋଇପଡ଼ିବା ସହ ବନ୍ଦୀ ସୈନିକମାନେ ହଇଜାରେ ଆକ୍ରାନ୍ତ ହୋଇପଡ଼ିଥିଲେ। ସେମାନଙ୍କୁ କୌଣସି ଔଷଧ ଦିଆଯାଉନଥିଲା। ଫଳରେ କୁଢ଼ କୁଢ଼ ଶବ ରାସ୍ତାରେ ଜମା ହୋଇପଡ଼ିଥିଲା। ରାସ୍ତାରେ ଚାଲିପାରୁନଥିବା ସୈନିକମାନଙ୍କୁ ଘୋଡ଼ା ପିଠିରେ ସବାର କରିନେଇ ବାଟରେ ହାଣି ପକାଉଥିଲେ।

ଜାପାନରେ ଏକ କୁତ୍ସିତ ପ୍ରଥା ପ୍ରଚଳିତ ଥିଲା ଯେ ଯେଉଁ ସୈନିକମାନେ ଆତ୍ମସମର୍ପଣ କରୁଥିଲେ ସେମାନଙ୍କ ପ୍ରତି ପଶୁଭଳି ବ୍ୟବହାର କରାଯିବା ଉଚିତ। ସେହି ପ୍ରଥା ଅନୁସାରେ ଜାପାନୀମାନେ ଏହିଭଳି ବିଭତ୍ସ କାଣ୍ଡ କରୁଥିଲେ। ତଳେ ପଡ଼ିଯାଉଥିବା ସୈନିକମାନଙ୍କ ଉପରେ ଟ୍ରକ୍ ମଡ଼ାଇଦିଆଯାଉଥିଲା। ପୁଣି ସାମ୍‌ଫର୍ଣ୍ଣାଣ୍ଡୋରୁ କାର୍ପାସ୍ ପର୍ଯ୍ୟନ୍ତ ଯୁଦ୍ଧବନ୍ଦୀମାନଙ୍କୁ ଟ୍ରେନ୍ ଯୋଗେ ନିଆଯାଉଥିଲା। ଛୋଟ ଛୋଟ ଟ୍ରେନ୍ ବଗିରେ ୧୦୦ରୁ ଅଧିକ ଯୁଦ୍ଧବନ୍ଦୀଙ୍କୁ ବସ୍ତା ଭଳି ନଦିଦିଆଯାଉଥିଲା। ରୋଗାକ୍ରାନ୍ତ ସୈନିକମାନେ ଦୀର୍ଘ ସମୟ ଠିଆ ହୋଇ ଯାତ୍ରା କରିନପାରି ମୃତ୍ୟୁ ମୁଖରେ ପଡୁଥିଲେ। ଏହିପରି ପ୍ରତ୍ୟେକ ବଗିରୁ ୩୦-୫୦ ସୈନିକ ମରିଯାଉଥିବାର ଦେଖାଯାଉଥିଲା। ଏପରି ମୃତ୍ୟୁଯାତ୍ରା ଯୋଗୁ କେତେ ସଂଖ୍ୟକ ଯୁଦ୍ଧବନ୍ଦୀ ପ୍ରକୃତରେ ମଲେ ତାହା ଜଣାପଡ଼ିଲାନାହିଁ। ମାତ୍ର ବେସରକାରୀ ସ୍ତରରେ ଏହାର ସଂଖ୍ୟା ଥିଲା ୧୦,୬୫୦।

ଏପରି ଡେଥ୍ ମାର୍ଚ୍ଚର ଖବର ଶୁଣି ଆମେରିକାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେତେବେଳେ ଆମେରିକୀୟ ଯୁବକମାନେ ସେନାରେ ଯୋଗଦେବା ପାଇଁ କୁଣ୍ଠିତ ହେଉଥିଲେ। ଏପରି ଖବର ପ୍ରକାଶ ଫଳରେ ସେମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଆମେରିକାରେ ଏହିଭଳି ଉତ୍ତେଜନା ପ୍ରକାଶ ପାଇବାରୁ ଜାପାନୀମାନେ ମାନିଲା ଟାଇମ୍ସରେ ପ୍ରକାଶ କଲେ ଯେ ବନ୍ଦୀ ସୈନ୍ୟମାନଙ୍କୁ ଯଥୋଚିତ ଭଦ୍ର ବ୍ୟବହାର କରାଯାଉଛି। ଏହି ବିଭତ୍ସ ହତ୍ୟା ଅଭିଯାନର ବହୁ ବର୍ଷ ପରେ ଜାପାନ ସରକାର ଆମେରିକାକୁ କ୍ଷମା ମାଗିଥିଲେ ଓ ଏହିପରି ମୃତ୍ୟୁଯାତ୍ରାରୁ ରକ୍ଷା ପାଇଯାଇଥିବା କେତେକଙ୍କୁ ଜାପାନ ସରକାର ନିମନ୍ତ୍ରିତ ଅତିଥି ଭାବେ ଡକାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଜଣେ ୯୦ବର୍ଷର ସୈନିକ।

ପ୍ରକୃତରେ ଏହି ବ୍ୟାଟାନ୍ ଡେଥ୍ ମାର୍ଚ୍ଚର କମାଣ୍ଡିଙ୍ଗ୍ ଅଫିସର ଥିଲେ ଜେନେରାଲ ହୁମା। ଯୁଦ୍ଧବନ୍ଦୀମାନଙ୍କୁ ଅମାନୁଷିକ ହତ୍ୟାର ପକ୍ଷପାତି ସେ ନଥିଲେ ମଧ୍ୟ କାହା ନିର୍ଦ୍ଦେଶରେ ତାହା ଚାଲିଥିଲା ସେ ସମ୍ପର୍କରେ ଇତିହାସ ନୀରବ। ଅନେକଙ୍କ ମତରେ ଜେନେରୋଲ୍ ହୁମା ଥିଲେ ଜଣେ ଇଭିଲ୍ ସ୍ୟାଡ଼ିଷ୍ଟ ଓ ସେ 'ବିଷ୍ଟ ଓ ବ୍ୟାଟନ' ଭାବରେ ପରିଚିତ ଥିଲେ। ଏପରି ଅଭିଯୋଗ ପାଇଁ ତାଙ୍କର ୧୯୪୬ ମସିହାରେ ବିଚାର ଆରମ୍ଭ ହୋଇଥିଲା ଓ ବିଚାର ଶେଷରେ ମାନିଲାଠାରେ ହିଁ ତାଙ୍କୁ ଫାଶୀ ଦିଆଯାଇଥିଲା। ତେବେ ହଜାର ହଜାର ସୈନିକଙ୍କୁ ମୃତ୍ୟୁ ମଧ୍ୟକୁ ଠେଲି ଦିଆଯାଇ ଯେଉଁଭଳି ବିଭତ୍ସ ଭାବରେ ହତ୍ୟା କରାଯାଇଥିଲା ତାହା କେବଳ ଜେନେରାଲ ହୁମାଙ୍କ ନିର୍ଦ୍ଦେଶ ଫଳରେ ହୋଇନାହିଁ। ଆଜି ପର୍ଯ୍ୟନ୍ତ ସେହି ମୃତ ସୈନିକମାନଙ୍କର ଶୃଙ୍ଖଳିତ ଚାଲି ଦୃଶ୍ୟ ଜଗତରେ ଦେଖାଯାଉଛି ଏବଂ ଦେଖୁଥିବା ଲୋକେ ଭୟରେ ଶିହରି ଉଠୁଛନ୍ତି। ମୃତ୍ୟୁ ପରେ ଏକ ଅଦୃଶ୍ୟ ଜୀବନ ରହିଛି ତାହା ଏଥିରୁ ହିଁ ଜଣାପଡୁଛି। ଏ ସମ୍ପର୍କରେ ଗବେଷଣା କରାଗଲେ ମୃତ୍ୟୁ ପରେ ଜୀବନର ବହୁ ତଥ୍ୟ ପଦାକୁ ଆସିପାରନ୍ତା।

# ଓଢ଼ଣ ଷଷ୍ଠୀ ଏକ ତାତ୍ତ୍ୱିକ ବିଶ୍ଳେଷଣ

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଆସିକା, ଗଞ୍ଜାମ
ମୋ-୯୮୬୧୩୩୪୮୬୮



ଓଡ଼ିଶା ପ୍ରଦେଶର ଏକ ସ୍ୱତନ୍ତ୍ର ଓ ବିଶିଷ୍ଟ ପର୍ବ 'ଓଢ଼ଣ ଷଷ୍ଠୀ' ବା 'ପ୍ରାବରଣ ଷଷ୍ଠୀ' । ଏହି ପର୍ବ ଆମ ରାଜ୍ୟରେ ପ୍ରତିବର୍ଷ ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାଳନ କରାଯାଏ । ମାର୍ଗଶିର ମାସ ହେଉଛି ସବୁ ମାସମାନଙ୍କ ମଧ୍ୟରେ ଶ୍ରେଷ୍ଠୋତ୍ତମ ମାସ ବୋଲି ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି – ' ମାସାନାଂ ମାର୍ଗଶୀର୍ଷୋ ଅହମ୍'। ଏହି ଶ୍ରେଷ୍ଠୋତ୍ତମ ମାସରେ ଆମ ଓଡ଼ିଆ ଜାତିର ପ୍ରାଣ ଦେବତା, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ପାଳିତ ହୁଏ ଓଢ଼ଣ ଷଷ୍ଠୀ ଯାତ୍ରା। ଏ ଯାତ୍ରା ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା। ଉକ୍ତ ଦିନ ଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଶୀତରୁ ରକ୍ଷା କରିବା ପାଇଁ ସେବକମାନେ ସ୍ୱତନ୍ତ୍ର ଶୀତବସ୍ତ୍ର ବା 'ଘୋଡ଼' ପରିଧାନ କରାଇଥାନ୍ତି। ମହାପ୍ରଭୁଙ୍କର ସମସ୍ତ ନୀତିକାନ୍ତି ମନୁଷ୍ୟର ଦୈନନ୍ଦିନ କାର୍ଯ୍ୟକଳାପ ଭଳି ହୋଇଥାଏ । ଶ୍ରୀକ୍ଷେତ୍ରର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାର ଦର୍ଶାଏ ଯେ ସାକ୍ଷାତ ପରଂବ୍ରହ୍ମ ଭାବେ ପୂଜିତ ହେଉଥିଲେ ମଧ୍ୟ, ଶ୍ରୀଜୀଉମାନେ ଜଣେ ଜଣେ ସାଧାରଣ ମନୁଷ୍ୟ ଭଳି ଋତୁ ପରିବର୍ତ୍ତନର ପ୍ରଭାବକୁ ଅନୁଭବ କରିଥାନ୍ତି ।

ମହାପ୍ରଭୁ ହେଉଛନ୍ତି ଆଭୂଷଣ ପ୍ରିୟ ଠାକୁର। ଏଣୁ ଶାସ୍ତ୍ରରେ ବର୍ଣ୍ଣିତଅଛି – 'ଆଭୂଷଣ ପ୍ରିୟ ବିଷ୍ଣୁଃ' । ସେହି ବିଷ୍ଣୁ ଦାରୁମୂର୍ତ୍ତି ଧାରଣ କରି ମଧ୍ୟ ନିଜର ଭକ୍ତଙ୍କୁ ପ୍ରୀତି ଦେବା ପାଇଁ ନାନାବିଧ ବେଶ ହୋଥାଆନ୍ତି। ତେଣୁ କୁହାଯାଇଛି –

ବ୍ରହ୍ମାଣ୍ଡ ଠାକୁର ହୋଇଲେ ସାକାର
ଧରିଲେ ଦାରୁ ମୂରତି
ମାନବ ପରାଏ ଲୀଳା ଖେଳା କଲେ
ଭକ୍ତଙ୍କୁ ଦେବାକୁ ପ୍ରୀତି
ଭଣଇ ହେମନ୍ତ ମତି
ମାର୍ଗଶିର ମାସେ ଘୋଡ଼ଲାଗି ବେଶେ
କରନ୍ତି ଅନନ୍ୟ ରୀତି ।।

ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଘୋଡ଼ଲାଗି ବେଶରେ ଗଡ଼ା (ମୋଟା ସୂତା ବସ୍ତ୍ର), ଖଣ୍ଡୁଆପାଟ, ମଖମଲର ଘୋଡ଼ବସ୍ତ୍ର, ଫୁଟା, ଟୋପର ଆଦିରେ ଶ୍ରୀଅଙ୍ଗ ଗୁଡ଼ିକୁ ଭୂଷିତ କରାଯାଏ । ଏ ବସ୍ତ୍ରମାନ ସାଧାରଣତଃ ମଖମଲ ଓ ସୂତା କପଡାରେ ପ୍ରସ୍ତୁତ କରାଯାଇଥାଏ। ଯାହା ଶ୍ରୀମନ୍ଦିରର ପାରମ୍ପରିକ ଦରଜୀ ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀରେ ତିଆରି କରିଥାନ୍ତି। ପରମ୍ପରା ଅନୁଯାୟୀ ଠାକୁରମାନେ ପ୍ରତ୍ୟେକ ବାରରେ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ବସ୍ତ୍ର ପରିଧାନ କରନ୍ତି ।ଯଥା:- ରବିବା'ରେ ନାଲି ,ସୋମବା'ରେ କଳାଛିଟା ମିଶା ଧଳା, ମଙ୍ଗଳବା'ରେ ବାର ପଟିଆ (ପଞ୍ଚ ରଙ୍ଗ ମିଶା) ,ବୁଧବା'ରେ ନୀଳ , ଗୁରୁବା'ରେ ହଳଦିଆ, ଶୁକ୍ରବା'ରେ ଧଳା ଓ ଶନିବାରରେ କଳା ରଙ୍ଗର ଲାଗି ହୋଇଥାନ୍ତି । ତିନିଠାକୁରଙ୍କ ପାଇଁ ଚଉଦହାତ ଲମ୍ବ ଓ ତିନିହାତ ଓସାରର ଚାରିଖଣ୍ଡ ପାଟ ବ୍ୟବହାର କରାଯାଇଥାଏ । ଏହି ବେଶରେ ଠାକୁରମାନଙ୍କୁ ନବାଙ୍କ ଚୂଳ ଓ ମକର ଚୂଳ ଲାଗି କରାଯିବା ସହ ଦୁଇଟି ତ୍ରିଶାଖା, ଚାରୋଟି କୁଣ୍ଡଳ ଓ ଦୁଇଟି ତଡ଼ଗି ଏପରି ମୋଟ ଆଠଟିମୂର୍ତ୍ତି ସୁନା ଅଳଙ୍କାରାଦି ଲାଗି କରାଯାଏ । ମହାପ୍ରଭୁଙ୍କ ବତିଶି ଗୋଟି ବେଶ ଭିତରୁ ଏହା ଏକ ବିଶେଷ ବେଶ। ଏହି ମନୋରମ ବେଶକୁ ଦର୍ଶନ କରି ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ତାଙ୍କ ଭକ୍ତମାନେ ମଧ୍ୟ ଆନନ୍ଦିତ ହେଉଥିଲେ।

'ଓଢ଼ଣ' ଶବ୍ଦର ଅର୍ଥ ହେଉଛି ଘୋଡ଼ାଇବା ବା ଆବୃତ କରିବା ଏବଂ 'ଷଷ୍ଠୀ' ହେଉଛି ଚନ୍ଦ୍ର ଗଣନାର ଏକ ଦିନ ବା ତିଥି । ଏହି ପବିତ୍ର ଓଢ଼ଣ ଷଷ୍ଠୀ ଉତ୍ସ୍ୱ ମାର୍ଗଶିର ଶୁକ୍ଳଷଷ୍ଠୀ ଠାରୁ ଫାଲ୍ଗୁନ ମାସର ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରାୟ ଦୁଇ ମାସ ଧରି ପାଳିତ ହୋଇଥାଏ। ଏ ସମୟରେ ମହାପ୍ରଭୁମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଉଷ୍ମ ବସ୍ତ୍ର, ଯାହାକୁ 'ଘୋଡ଼' ବା 'ଘୋଡ଼ଲାଗି' କରାଯାଇଥାଏ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରର ଦୈନିକ ପୂଜା ନୀତିରେ କିଛି ପରିବର୍ତ୍ତନ ଦେଖାଯାଏ। ସାଧାରଣତଃ ପୂଜାପଣ୍ଡା ସେବକମାନେ ଅନ୍ୟ ଦିନ ମାନଙ୍କରେ ରତ୍ନସିଂହାସନ ଉପରେ ବସି ପୂଜା କରନ୍ତି, କିନ୍ତୁ ଓଢ଼ଣ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ, ସେମାନେ ଠାକୁରମାନଙ୍କୁ ଶୀତ ଲାଗିବା କାରଣରୁ ରତ୍ନସିଂହାସନ ତଳେ ବସି ପୂଜା କରନ୍ତି। ଏହି ପର୍ବ ଦର୍ଶାଏ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଅନାବିଳ ସମ୍ପର୍କକୁ । ଯହିଁରେ ଠାକୁରଙ୍କୁ ନିଜ ପରିବାରର ସଦସ୍ୟ ଭଳି ଯତ୍ନ ନେବା, ତାଙ୍କ ସୁଖ ସୁବିଧା ପ୍ରତି ଧ୍ୟାନ ଦେବା , ଏପରି ଭାବ ହିଁ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର। ଏହି ପର୍ବ ମାଧ୍ୟମରେ ସେବକ ଓ ଭକ୍ତମାନେ ମହାପ୍ରଭୁଙ୍କ ମାନବୀୟ ଲୀଳାକୁ ଅନୁଭବ କରିଥାନ୍ତି। ଏହି ପରମ୍ପରା ଓଡ଼ିଶାର ଭକ୍ତି ଭାବନାର ଏକ ଅନନ୍ୟ ଦୃଷ୍ଟାନ୍ତ।

# ଆମ ସମ୍ବିଧାନ:ଆମ ଗୌରବ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ
ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଆମ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା। ଯେ କୌଣସି ଦେଶର ଶାସନ ପାଇଁ ସମ୍ବିଧାନର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରତ୍ୟେକ ଦେଶର ସମ୍ବିଧାନ ନିଜ ଦେଶର ପରିସ୍ଥିତି, ପରିବେଶ ଓ ସମୟ ଅନୁସାରେ ତିଆରି ହୋଇଥାଏ। ଏହି କାରଣରୁ ଗୋଟିଏ ଦେଶର ସମ୍ବିଧାନ ଅନ୍ୟ ଦେଶର ସମ୍ବିଧାନ ଠାରୁ ଭିନ୍ନ ହୋଇଥାଏ। ଭାରତୀୟ ସମ୍ବିଧାନର ଜନ୍ମ ଦିନ ପ୍ରସ୍ତାବନାରେ ବର୍ଣ୍ଣିତ ହୋଇଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଅର୍ଥାତ୍ ଏହିଦିନ ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା। ପୂର୍ବରୁ ଏହା 'ଜାତୀୟ ଆଇନ ଦିବସ' ଭାବେ ପାଳନ ହୋଇଆସୁଥିବା ବେଳେ ୨୦୧୫ ମସିହା ଅକ୍ଟୋବର ୧୧ ତାରିଖରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୬ ତାରିଖକୁ 'ସମ୍ବିଧାନ ଦିବସ' ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏହା ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି।

ପ୍ରତ୍ୟେକ ଲିଖିତ ସମ୍ବିଧାନ ପରି ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି । ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ। ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭୀପ୍ସା, ଆକାଙ୍‌କ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି । ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି – "ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଗଠନ କରିବୁ ଏବଂ ଏହାକୁ ସମସ୍ତ ନାଗରିକମାନଙ୍କୁ ପ୍ରଦାନ କରିବୁ। ସାମାଜିକ, ଅର୍ଥନୈତିକ ଏବଂ ରାଜନୀତିକ ନ୍ୟାୟ ବିଚାର, ଅଭିବ୍ୟକ୍ତି, ବିଶ୍ୱାସ ଧର୍ମ ଏବଂ ଉପାସନାରେ ସ୍ୱତନ୍ତ୍ରତା, ସ୍ଥିତି ଓ ସୁଯୋଗର ସମାନତା ଏବଂ ସମସ୍ତ ନାଗରିକମାନଙ୍କ ମଧ୍ୟରେ ତାହାର ବିକାଶ, ବ୍ୟକ୍ତିର ମର୍ଯ୍ୟାଦା ଏବଂ ଜାତିର ଏକତା ଓ ସଂହତି ପାଇଁ ଭ୍ରାତୃତ୍ୱଭାବ ସୁନିଶ୍ଚିତ କରିବୁ। ଅମ୍ଭର ଏହି ଶାସନ ବିଧାୟକ ସଭାରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ, ଏତଦ୍‌ଦ୍ୱାରା ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରୁଛୁ ଏବଂ ଆମ୍ଭମାନଙ୍କ ଠାରେ ତାହା ଅର୍ପଣ କରୁଛୁ''। ମୂଳ ସମ୍ବିଧାନରେ ସମାଜବାଦୀ, ଧର୍ମ ନିରପେକ୍ଷତା ଓ ସଂହତି ଶବ୍ଦ ନଥିଲା ।୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପ୍ରସ୍ତାବନାରେ ଏହି ତିନୋଟି ଶବ୍ଦକୁ ଯୋଡାଯାଇଅଛି। ପ୍ରସ୍ତାବନା ଅନୁଯାୟୀ ଭାରତର ସାର୍ବଭୌମ କ୍ଷମତା ଲୋକମାନଙ୍କ ହସ୍ତରେ ନ୍ୟସ୍ତ।

ଆଧୁନିକ ଯୁଗରେ ସମ୍ବିଧାନ ନିର୍ମାଣ କାର୍ଯ୍ୟ ନାଗରିକମାନଙ୍କ ଦ୍ୱାରା ବିଶେଷ ଉପରେ ଗଠିତ ଏକ ପ୍ରତିନିଧିମୂଳକ ଏକ ସମ୍ବିଧାନ ସଭା ଦ୍ୱାରା ହୁଏ। ସାଧାରଣ ଅର୍ଥରେ ଯେଉଁ ସଭା ଦେଶର ସମ୍ବିଧାନକୁ ନିର୍ମାଣ କରେ ତାକୁ ସମ୍ବିଧାନ ସଭା କୁହାଯାଏ। ୧୯୪୬ ମସିହା କ୍ୟାବିନେଟ ମିଶନ ଯୋଜନା ଭାରତରେ ଗୋଟିଏ ସମ୍ବିଧାନ ସଭା ଗଠନ କରି ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ସୁପାରିଶ ଅନୁସାରେ ୧୯୪୬ ମସିହା ଜୁଲାଇ ମାସରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ୨୦୫, ମୁସଲିମ୍ ଲିଗର ୭୩, ଅକାଳୀ ଦଳର ୩ ଏବଂ ୧୮ ଜଣ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ। ମୁସଲିମ୍ ଲିଗର ୩ଟି ସଦସ୍ୟ ଏବଂ ଅକାଳୀ ଦଳର ୩ଟି ସଦସ୍ୟ କଂଗ୍ରେସକୁ ପ୍ରାପ୍ତ ହେବାରୁ ମୋଟ ୨୧୧ ଜଣ କଂଗ୍ରେସ ସଦସ୍ୟ ଥିଲେ। ସମ୍ବିଧାନର ପ୍ରଥମ ବୈଠକ ୮ ଡିସେମ୍ବର ୧୯୪୬ ମସିହାରେ ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ସଭାରେ ସମ୍ବିଧାନର ଏକ ଚିଠା ପ୍ରସ୍ତୁତ କରିବା ପାଇଁ ୨୯ ଅଗଷ୍ଟ ୧୯୪୭ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧକ୍ଷତାରେ ୭ ଜଣ ସଦସ୍ୟଙ୍କୁ ନେଇ ଏକ ଚିଠା କମିଟି



ଗଠନ କରାଯାଇଥିଲା । ଏହି କମିଟିର ଅନ୍ୟ ସଦସ୍ୟ ମାନେ ଥିଲେ ଏନ୍ ଗୋପାଳସ୍ୱାମୀ ଆୟଙ୍ଗାର, ଆଲାଦି କ୍ରିଷ୍ଣାସ୍ୱାମୀ ଆୟର, ମହମ୍ମଦ ସାଦୁଲ୍ଲା, କେ.ଏମ୍. ମୁନସୀ, ବି.ଏଲ୍.ମିତର ଏବଂ ଡି.ପି. ଖେତାନ। କିନ୍ତୁ ଅଳ୍ପ ଦିନ ପରେ ବି.ଏଲ୍ ମିତରଙ୍କ ସ୍ଥାନରେ ଏନ୍ ମାଧବନ ରାଓଙ୍କୁ ନିଆଗଲା। ୧୯୩୯ରେ ବି.ପି. ଖେତାନଙ୍କ ସ୍ଥାନରେ ଟି.ଟି କୃଷ୍ଣାମାଚାରୀଙ୍କୁ ନିଆଗଲା।

ସମ୍ବିଧାନ ସଭା ୧୯୪୬ ଡିସେମ୍ବର ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ମୋଟ ୨ବର୍ଷ ୧୧ମାସ ୧୮ ଦିନ କଠିନ ପରିଶ୍ରମ କରି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ଏଥିପାଇଁ ୧୧ଟି ଅଧିବେଶନ ଏବଂ ୧୬୫ ଦିନ ବୈଠକ ବସିଥିଲା। ଶେଷରେ ୩୯୫ଟି ଧାରା ଏବଂ ୮ଟି ପରିଶିଷ୍ଟ ବିଶିଷ୍ଟ ଭାରତ ସମ୍ବିଧାନ ପ୍ରଣୟନ କରାଗଲା। ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଅବୁଲ କଲାମ ଆଜାଦ୍, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ବାଳଗୋବିନ୍ଦ ଖେର, ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ, ଆଚାର୍ଯ୍ୟ କୃପାଳିନୀ ଭଳି କଂଗ୍ରେସର ପ୍ରାୟ ସମସ୍ତ ବଡ ବଡ ନେତାମାନେ ସମ୍ବିଧାନ ସଭାର ସଦସ୍ୟ ଥିଲେ। କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ବିଶିଷ୍ଟ ନେତାମାନେ ଥିଲେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀ, ପଣ୍ଡିତ ହୃଦୟନାଥ କୁଞ୍ଜରୁ, ଡଃ ଜୟକର ଓ ପ୍ରଫେସର କେ.ଟି. ସାହ । ମହିଳା ସଦସ୍ୟମାନଙ୍କ ମଧ୍ୟରୁ ସରୋଜିନୀ ନାଇଡୁ, ହଂସ ମେହଟ୍ଟା ଏବଂ ଦୁର୍ଗାବାଇ ଦେଶମୁଖ ପ୍ରମୁଖ ଥିଲେ।

ମୌଳିକ ଅଧିକାର ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକଙ୍କ ପାଇଁ ରକ୍ଷାକବଚ। ଏହି ଅଧିକାର ଦ୍ୱାରା ବ୍ୟକ୍ତିକୁ ଯେଉଁ ସ୍ୱାଧୀନତା ମିଳେ ସିଏ ସେଥିରେ ସର୍ବବିଧ ଉନ୍ନତି ସାଧନ କରେ। ମୌଳିକ ଅଧିକାର କହିଲେ ରାଷ୍ଟ୍ରର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସର୍ବ ସଂରକ୍ଷିତ ଅଧିକାରକୁ ବୁଝାଏ। ଏହି ମୌଳିକ ଅଧିକାର ଗୁଡିକ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ହେଉଥିବାରୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହା ସଂଶୋଧିତ ହୋଇଥାଏ। ଭାରତୀୟ ନାଗରିକମାନେ ୬ଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି ଯଥା- ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୋଧରେ ଅଧିକାର, ଧର୍ମଗତ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର। ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାରକୁ ବାଦ୍ ଦିଆଯାଇଛି। ଫଳରେ ଏବେ ଭାରତର ନାଗରିକ ମାନେ ପୂର୍ବରୁ ଥିବା ୭ଟି ବଦଳରେ ଏବେ ୬ଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି। ରାଷ୍ଟ୍ରଦ୍ୱାରା ପ୍ରଦାନ କରାଯାଉଥିବା ମୌଳିକ ଅଧିକାର ଉପଭୋଗ କରିବା ସଙ୍ଗେ ସଙ୍ଗେ ନାଗରିକମାନେ ରାଷ୍ଟ୍ରପତି କେତେକ କର୍ତ୍ତବ୍ୟ ପାଳନ ପାଇଁ ଉଲ୍ଲେଖ କରାଯାଇଛି। ସମ୍ବିଧାନର ୪୨ ତମ ସମ୍ବିଧାନ ସଂଶୋଧନ ଆଇନ ୧୯୭୬ ଦ୍ୱାରା ଏହା ଯୋଡାଯାଇଛି। ସର୍ବମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟକୁ ୫୧(କ) ଧାରାରେ ଉଲ୍ଲେଖ କରାଯାଇଛି। ତନ୍ମଧ୍ୟରୁ ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା, ଜାତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ସଂରକ୍ଷଣ କରିବା, ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାର ସୁରକ୍ଷା କରିବା, ଦେଶରକ୍ଷା ପାଇଁ ଜାତୀୟ ସେବା କରିବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ୬ ରୁ ୧୪ବର୍ଷର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ଇତ୍ୟାଦି।

ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଜାନୁଆରୀ ଛବିଶି ପରି ନଭେମ୍ବର ୨୬ ତାରିଖ ହେଉଛି ଏକ ସ୍ମରଣୀୟ ଦିବସ । ଏହିଦିନ ଆମ ଦେଶର ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ଇତି ମଧ୍ୟରେ ଆମ ସମ୍ବିଧାନ ତିଆରିର ୭୪ ବର୍ଷ ଅତିକ୍ରମ କରିଛି। ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହି ନୀତି ଗୁଡିକୁ ପ୍ରୟୋଗକରି ଅନେକ ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ଦେଶରେ ଅନେକ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଛି। ଭାରତୀୟ ସମ୍ବିଧାନର ନିର୍ମାତାମାନେ ସଂଶୋଧନର ଆବଶ୍ୟକତା ପ୍ରତି ଅବଗତି ଥିଲେ। ତେଣୁ ସମ୍ବିଧାନରେ ହିଁ ତାର ସଂଶୋଧନ ପ୍ରଣାଳୀକୁ ଲିପିବଦ୍ଧ କରାଯାଇଛି। ସମ୍ବିଧାନ ପ୍ରଣୟନ ଦିନଠାରୁ ହିସାବକୁ ନେଲେ ଜୁଲାଇ ୨୦୨୫ ସୁଧା ଭାରତୀୟ ସମ୍ବିଧାନ ୧୦୬ ଥର ସଂଶୋଧନ ହୋଇସାରିଛି। ଏହା ଗ୍ରହଣୀୟ ନୁହେଁ । କାରଣ ସୁପ୍ରିମ କୋର୍ଟଙ୍କ ମତରେ ସଂସଦ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂଶୋଧନ ବା ପରିବର୍ତ୍ତନ କରିପାରିବ ନାହିଁ। ତେଣୁ ଏଥି ପ୍ରତି ଆମ ସରକାର ସଜାଗ ରହିବା ଦରକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ନଭେମ୍ବର ୨୦୨୫ ବୁଧବାର

# ଆଭା

## ଶ୍ରୀରାମଙ୍କ ପଥ: ଆମର ତୀର୍ଥ, ଶୃଙ୍ଗବେରପୁର



ରାମ, ଲକ୍ଷ୍ମଣ ଓ ସୀତା ବନବାସ କାଳରେ ଅଯୋଧ୍ୟାରୁ ତାଙ୍କ ଯାତ୍ରା ଆରମ୍ଭ କରି ଶ୍ରୀଲଙ୍କାରେ ଶେଷ କରିଥିଲେ। ତାଙ୍କର ଏହି ଯାତ୍ରା ଥିଲା ସଂପୂର୍ଣ୍ଣ ସ୍ମୃତିବହୁଳ। ତେଣୁ ଏହାକୁ ପ୍ରତ୍ୟେକ ହିନ୍ଦୁ 'ରାମ ବନଗମନ ପଥପରିକ୍ରମା' ଭାବରେ ଅଭିହିତ କରିଥାନ୍ତି। ଏହି ଯାତ୍ରା କାଳରେ ରାମ ଅନେକ ମୁନିଋଷିଙ୍କ ଆଶ୍ରମ ଭ୍ରମଣ କରିଥିଲେ। ଅନେକ ଆଶୀର୍ବାଦ ଲାଭ କରିଥିଲେ ଏବଂ ଅନେକଙ୍କୁ ସେମାନଙ୍କର ଐକାନ୍ତିକ ଭକ୍ତିର ଫଳ ମଧ୍ୟ ପ୍ରଦାନ କରିଥିଲେ। ଅନେକ ରାକ୍ଷସଙ୍କୁ ବଧ କରି ସେମାନଙ୍କୁ ମୋକ୍ଷ ଦାନ କରିଥିଲେ। ଶୃଙ୍ଗବେରପୁରରୁ ଶ୍ରୀଲଙ୍କା- ଦୀର୍ଘପଥ, ଦୀର୍ଘଯାତ୍ରା, ଅସଂଖ୍ୟ ଘଟଣା, ଅନେକ ପ୍ରାତଃ ସ୍ମରଣୀୟ ଚରିତ୍ର।

**ତାହାର ଆଲେଖ୍ୟ 'ଶ୍ରୀରାମଙ୍କ ପଥ: ଆମର ତୀର୍ଥ'।**

ଶ୍ରୀରାମଚନ୍ଦ୍ରଙ୍କର ବନବାସ ପର୍ବରେ ଶୃଙ୍ଗବେରପୁରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଶ୍ରୀରାମ କୋଶଳ ରାଜ୍ୟ ପରିତ୍ୟାଗ କରି ଯେତେବେଳେ ତାହାର ସୀମାରେ ଥିବା ନିଷାଦ ରାଜ୍ୟ ଶୃଙ୍ଗବେରପୁରରେ ପ୍ରବେଶ କଲେ, ନିଷାଦରାଜ ଗୁହକ ତାହାର ସୂଚନା ପାଇ ନିଜର ବନ୍ଧୁ ପରିଜନ, ସୈନ୍ୟ ସାମନ୍ତ ଏବଂ ଅନେକ ଉପହାର ସାମଗ୍ରୀ ଧରି ତାଙ୍କୁ ନିଜ ରାଜଧାନୀକୁ ନେବାପାଇଁ ଆସି ପହଞ୍ଚିଲେ। କିନ୍ତୁ ଶ୍ରୀରାମଙ୍କ ବନବାସୀ ବେଶ ଦେଖି ଆଶ୍ଚର୍ଯ୍ୟଚକିତ ହେବା ସହିତ ଅଶ୍ରୁବର୍ଷଣ କରିବାକୁ ଲାଗିଲେ। ଶ୍ରୀରାମ ଅଯୋଧ୍ୟାରୁ ନିର୍ବାସିତ ହେବା ଜାଣି ସେ ତାଙ୍କୁ ନିଷାଦ ରାଜ୍ୟରେ ରାଜତ୍ୱ କରିବାପାଇଁ ଅନୁରୋଧ କଲେ। ଶ୍ରୀରାମ ବିନୟର ସହିତ ତାଙ୍କୁ ଆଲିଙ୍ଗନ କରି ସେହି ପ୍ରସ୍ତାବକୁ ଅସ୍ୱୀକାର କଲେ।

ରାତ୍ରିକାଳରେ ଶ୍ରୀରାମ ଏକ ଇଙ୍ଗୁଦୀ ବୃକ୍ଷ ତଳେ, କୁଶ ଶଯ୍ୟାରେ ଶୟନ କଲେ। ନିଷାଦରାଜ ଗୁହକ ବେଦନାବିଗଳିତ ଚିତ୍ତରେ ସମଗ୍ର ରାତ୍ରି ଉଜାଗର ରହି ଶ୍ରୀରାମଙ୍କ ପାଦ ପାଖରେ ବସି ରହିଲେ। ପ୍ରାତଃକାଳରେ ଶ୍ରୀରାମ ବଳ୍ ?କଳ ପରିଧାନ କରି, ଜଟା ବାନ୍ଧି, ଗଙ୍ଗା ପାର ହୋଇ ବନପ୍ରଦେଶକୁ ଗମନ କରିବା ନିମିତ୍ତ ଗୁହକଙ୍କୁ ଏକ ନୌକା ଯୋଗାଇ ଦେବା ନିମିତ୍ତ ଅନୁରୋଧ କଲେ। ନିଷାଦମାନେ ସାଧାରଣତଃ ଥିଲେ କୈବର୍ତ୍ତ ସଂପ୍ରଦାୟର। ନିଷାଦରାଜ ଗୁହକ ଶ୍ରୀରାମଙ୍କର ପଦଧୌତ କରି ଏକ ସୁଦୃଶ୍ୟ ନୌକାରେ ତାଙ୍କୁ ଏବଂ ଲକ୍ଷ୍ମଣ ଓ ସୀତାଙ୍କୁ ବସାଇ ବିଦାୟ ଦେଲେ। ଗୁହକଙ୍କର ଶ୍ରୀରାମଙ୍କ ପଦ ପ୍ରକ୍ଷାଳନକୁ ନେଇ ଅନେକ ସୁନ୍ଦର କାହାଣୀ ରହିଛି। ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲ୍ଲାରେ ଶୃଙ୍ଗବେରପୁର ଅବସ୍ଥିତ। ଏହା ଅଯୋଧ୍ୟାଠାରୁ ପ୍ରାୟ ୧୭୦ କି.ମି. ଦୂର। ଶ୍ରୀରାମଙ୍କର ପ୍ରକୃତ ବନଗମନ ଏହିଠାରୁ ଆରମ୍ଭ ହୋଇଥିବାରୁ ଏହି ସ୍ଥାନଟି ମହତ୍ତ୍ୱପୂର୍ଣ୍ଣ। ଶ୍ରୀରାମ ଯେଉଁ ଇଙ୍ଗୁଦୀ ବୃକ୍ଷ ତଳେ ଶୟନ କରିଥିଲେ, ସେଠାରେ ଶ୍ରୀରାମ ଶୟନ ଆଶ୍ରମ ରହିଛି। ଯେଉଁଠାରେ ଶ୍ରୀରାମ ଗଙ୍ଗାପାର ହୋଇଥିଲେ ସେଠାରେ ଅଛି ରାମଚଉରା ଘାଟ।

ଶୃଙ୍ଗବେରପୁରର ନାମକରଣ ମହାମୁନି ଋଷ୍ୟଶୃଙ୍ଗଙ୍କ ନାମାନୁସାରେ ହୋଇଥିବା ଜଣାଯାଏ। ଏହା ତାଙ୍କର ତପସ୍ୟା କ୍ଷେତ୍ର ଥିଲା। ଋଷ୍ୟଶୃଙ୍ଗ ଦଶରଥଙ୍କ ନିମିତ୍ତ ପୁତ୍ରେଷ୍ଟି ଯଜ୍ଞ କରିଥିଲେ। ତାହା ଫଳରେ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ। ଏଠାରେ ଶୃଙ୍ଗୀଋଷିଙ୍କ ଆଶ୍ରମ ଦେଖାଯାଏ। ସଂପ୍ରତି ନିଷାଦରାଜ ଗୁହକ ଓ ଶ୍ରୀରାମଙ୍କ ମିତ୍ରତାର ସାକ୍ଷ୍ୟ ସ୍ୱରୂପ, ତମ୍ବାରେ ନିର୍ମିତ ୫୧ଫୁଟ ଉଚ୍ଚର ଗୁହକ ଓ ଶ୍ରୀରାମଙ୍କର ଏକ ଆଲିଙ୍ଗନାବଦ୍ଧ ମୂର୍ତ୍ତି 'ନିଷାଦରାଜ ପାର୍କ'ରେ ଶୋଭା ପାଉଛି। ଶୃଙ୍ଗବେରପୁରଠାରୁ ୪୫ କି.ମି. ଦୂରରେ ରହିଛି ପ୍ରୟାଗ- ଯେଉଁଠାରେ ଅଛି ମହର୍ଷି ଭରଦ୍ୱାଜଙ୍କର ଆଶ୍ରମ।

## ଏକଲାପଣକୁ 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା' ଘୋଷଣା



ବର୍ତ୍ତମାନ ଏକଲାପଣ ଏକ ପ୍ରକାର ମାନସିକତା ନୁହେଁ ଏକ ବଡ ରୋଗରେ ପରିଣତ ହୋଇଛି। ଯେଉଁଥିରେ ଲୋକେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ବର୍ତ୍ତମାନ ଏହାକୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଘୋଷଣା କରିଛି ଏହି ରାଜ୍ୟ।

ଫକ୍ସ ନ୍ୟୁଜ ଅନୁଯାୟୀ, ସିଲିକନ ଭ୍ୟାଲି କାର୍ଲିଫର୍ନିଆର ଏକ ଅଞ୍ଚଳ ସ୍ୟାନ ମ୍ୟାଟିଓରେ ଏହାକୁ ଲାଗୁ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଦ୍ୱାରା ମାସେ ତଳେ ଏହାକୁ ବୈଶିକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଅଭିହିତ କରିବା ପରେ ଏହି ଅଞ୍ଚଳରେ ଏହାକୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଘୋଷଣା କରାଯାଇଛି। ହୁ ଏହାକୁ ହୃଦରୋଗ, ଡେମନ୍ସିଆ ଷ୍ଟ୍ରୋକ୍, ଡିପ୍ରେସନ, ଆନଜାଇଟି ଠାରୁ ମାରାତ୍ମକ ବୋଲି ଦର୍ଶାଇଛି।

ସ୍ୟାନ ମ୍ୟାଟିଓର ବୋର୍ଡ ଅଫ୍ ସୁପରଭାଇଜର ଡ୍ୟାଭିଡ କ୍ୟାନେପା ଏନେଇ ସୋସିଆଲ ମିଡିଆ ଏକ୍ସରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଏକଲାପଣ ଦିନକୁ ଗୋଟିଏ ପ୍ୟାକେଟ ସିଗାରେଟ ପିଇବା ସହ ସମାନ'।

## ଶରୀରରେ ହାଡ଼ରେ କଷ୍ଟ ଦେଖାଯାଉଛି କି ଖରାପ ହୋଇପାରେ ଫୁସଫୁସ୍



ଶୀତଦିନ ଆସି ଯାଇଛି । ଏହା ସହିତ ଜ୍ୱର, ଥଣ୍ଡା, କାଶ ଓ ଫୁସ୍‌ଫୁସ୍ ସଂକ୍ରମଣ ଭଳି ବିଭିନ୍ନ ସମସ୍ୟା ଦେଖିବାକୁ ମିଳେ । ଏହି ସଂକ୍ରମଣ ଫୁସ୍‌ଫୁସର କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଇଥାଏ । ଯାହା ଫଳରେ ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇପାରେ । ଛୋଟ ପିଲା, ବୟସ୍କ ବ୍ୟକ୍ତି, ଡାଇବେଟିସ୍ ପୀଡ଼ିତ ବ୍ୟକ୍ତି ତଥା କମ୍ ରୋଗ ପ୍ରତିରୋଧକ ଶକ୍ତି ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ଏହି ରୋଗ ହେବାର ସର୍ବାଧିକ ସମ୍ଭାବନା ରହିଥାଏ । ଫୁସ୍‌ଫୁସ୍ ହେଉଥିବା ଏହି ସଂକ୍ରମଣକୁ ନିମୋନିଆ କୁହାଯାଏ ।

ଯେଉଁମାନେ ଧୂମ୍ରପାନ କରନ୍ତି ତଥା ବାରମ୍ବାର ଦୂଷିତ ବାୟୁ ସଂପର୍କରେ ଆସୁଥାନ୍ତି, ସେମାନେ ଏହି ସମସ୍ୟାରେ ବେଶି ପୀଡ଼ିତ ହୋଇଥାନ୍ତି । ଏହା ଛଡ଼ା ଥଣ୍ଡା ଓ ଫ୍ଲୁରେ ପୀଡିତ ବ୍ୟକ୍ତିଙ୍କୁ ମଧ୍ୟ ଏହି ସଂକ୍ରମଣ ହେବା ନେଇ ଅନେକ ଭୟ ରହିଛି । ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡ଼ିସିନ ଅନୁଯାୟୀ, ଫୁସ୍‌ଫୁସ୍‌ରେ ସଂକ୍ରମଣ ବିଭିନ୍ନ କାରଣରୁ ହୋଇଥାଏ । ଏହା ପଛରେ ସାଧାରଣ କାରଣ ହେଉଛି ବ୍ୟାକ୍ଟେରିଆ ଓ ଭାଇରସଙ୍କ କାରଣରୁ ହେଉଥିବା ଥଣ୍ଡା ଜ୍ୱର । ଏହି ସଂକ୍ରମଣକାରୀ ବ୍ୟାକ୍ଟେରିଆ ଓ ଭାଇରସ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପହଞ୍ଚି ସଂକ୍ରମଣ ସୃଷ୍ଟି କରିଥାଏ । ଏହା ଛଡ଼ା କମ୍ ରୋଗ ପ୍ରତିରୋଧକ ଶକ୍ତି ବିଶିଷ୍ଟ ବ୍ୟକ୍ତି, ଧୂମ୍ରପାନ କରୁଥିବା ବ୍ୟକ୍ତି ଏବଂ ପ୍ରଦୂଷଣ ଯୋଗୁଁ ଏହି ସଂକ୍ରମଣ ଶୀଘ୍ର ବ୍ୟାପିଥାଏ । ଏହା ସହିତ ପୂର୍ବରୁ ଶ୍ୱାସ ତଥା ଡାଇବେଟିସ୍ ଭଳି ରୋଗ ଥିଲେ ଏହି ସମସ୍ୟା ଆହୁରି ବଢିଯାଏ । ତେବେ ଫୁସ୍‌ଫୁସ୍ ସଂକ୍ରମଣ ହେବା ଆଗରୁ ଏହି ସବୁ ଲକ୍ଷଣ ଦେଖା ଦେଇଥାଏ । ଆମେରିକାନ ଲଙ୍ଗସ୍ ଆସୋସିଏସନ୍ ଅନୁଯାୟୀ, ଫୁସ୍‌ଫସ୍‌ର ସଂକ୍ରମଣର ଲକ୍ଷଣ ସାମାନ୍ୟରୁ ଗମ୍ଭୀର ହୋଇଥାଏ । ପ୍ରାରମ୍ଭିକ ଲକ୍ଷଣରେ କାଶ, କଫ, ହାଲୁକା ଜ୍ୱର, ହାଲିଆ ଓ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ । କେତେକ ଥର ଛାତିରେ କଷ୍ଟ ମଧ୍ୟ ହୋଇଥାଏ। ଏହା ଛଡ଼ା ଭୀଷଣ ଜ୍ୱର, ତଣ୍ଟିରେ କଷ୍ଟ, ହାଡ଼ରେ କଷ୍ଟ ତଥା ମାଂସପେଶୀରେ କଷ୍ଟ ହୁଏ। ଗମ୍ଭୀର ସଂକ୍ରମଣ ହେଲେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୁଏ । ନିଶ୍ୱାସ ପ୍ରଶ୍ୱାସ ଜୋରରେ ନେବା, ଚେହେରା ନୀଳ କିମ୍ବା ହଳଦିଆ ପଡ଼ିବା ଭଳି ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଦେଖିଲେ ଶୀଘ୍ର ଡ଼ାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଆପଣଙ୍କ ଫୁସ୍‌ଫୁସ୍ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ପ୍ରତି ନିଶ୍ୱାସ ସହିତ ଫୁସ୍‌ଫୁସ୍‌କୁ ବାୟୁ ପ୍ରବେଶ କରେ । ତେଣୁ ପ୍ରଦୂଷିତ ବାୟୁ ଶରୀରକୁ ଗଲେ ଏଥିରେ ସଂକ୍ରମଣ ହେବାର ସମ୍ଭାବନା ବଢିଯାଏ । ଏହା ସହିତ ଫୁସ୍‌ଫୁସ୍ ଉପରେ ଖରାପ ପ୍ରଭାବ ପଡ଼ିଥାଏ ।

## ଗାଈ-ମଇଁଷି ଅପେକ୍ଷା ଛେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଅଧିକ ହିତକର



କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କିଛି ଲୋକ ଗାଈ କ୍ଷୀର ପିଇବାକୁ ପସନ୍ଦ କରୁଥିବା ବେଳେ ଅନ୍ୟ କିଛି ମଇଁଷି କ୍ଷୀର ପିଇବା ପାଇଁ ପସନ୍ଦ କରନ୍ତି । ପୁଷ୍ଟିସାର ବିଶେଷଜ୍ଞମାନେ କୁହନ୍ତି ଯେ, ଛେଳି କ୍ଷୀର ଅନେକ ଦୃଷ୍ଟିରୁ ମଇଁଷି ଏବଂ ଗାଈ କ୍ଷୀର ଅପେକ୍ଷା ଭଲ । ଏହାକୁ ସେବନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରିବ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି ଯେ, ଛେଳି କ୍ଷୀର ମଇଁଷି ଏବଂ ଗାଈ କ୍ଷୀର ଅପେକ୍ଷା ଉତ୍ତମ କାରଣ, ଏହା ପୁଷ୍ଟିକର ତତ୍ତ୍ୱରେ ଭରପୁର । ଏହି କ୍ଷୀର ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ । ଛେଳି କ୍ଷୀର ଔଷଧୀୟ ଗୁଣରେ ଭରପୁର । ଏହା କ୍ୟାଲସିୟମ, ଭିଟାମିନ, ଖଣିଜ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର । ତେଣୁ,ଏହି କ୍ଷୀର ପିଇବା ଦ୍ୱାରା ଆମେ ଅନେକ ରୋଗରୁ ଦୂରେଇ ରହିପାରିବା। ଏହା ବ୍ୟତୀତ, ଛେଳି କ୍ଷୀର ସହଜରେ ହଜମ ହୁଏ ଏବଂ ଏଥିରେ କମ୍ ଆଲର୍ଜେନ ଥାଏ।

ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍ ଅନୁଯାୟୀ, ଛେଳି କ୍ଷୀରରେ ସେଲେନିୟମ୍, ଜିଙ୍କ୍, ଭିଟାମିନ୍ ଏ ଏବଂ ସି ଥାଏ। ଏଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ। ନିୟମିତ ସେବନ ଶରୀରକୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଆଇରନ୍ ରକ୍ତର ଗୁଣବତ୍ତା ଉନ୍ନତ କରେ ଏବଂ ରକ୍ତହୀନତାକୁ ରୋକେ। ଛେଳି କ୍ଷୀର ହଜମ କରିବା ସହଜ । କାରଣ ଛେଳି କ୍ଷୀରରେ ଛୋଟ ଚର୍ବି କଣିକା ଥାଏ । ଆପଣଙ୍କର ପାଚନ ଏନଜାଇମ୍ ବଡ଼ ଚର୍ବି କଣିକା ଅପେକ୍ଷା ଛୋଟ ଚର୍ବି କଣିକାକୁ ସହଜରେ ଭାଙ୍ଗିପାରେ । ଛେଳି କ୍ଷୀରରେ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ଭରପୂର । ତେଣୁ, ଏହା ହାଡ଼କୁ ମଜବୁତ କରେ ଏବଂ ଅଷ୍ଟିଓପୋରୋସିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ରୋକେ । ଛେଳି କ୍ଷୀରରେ ପ୍ରଦାହ-ବିରୋଧୀ ଗୁଣ ଥାଏ ଏବଂ ପିତ୍ତ ସମସ୍ୟାକୁ କମ କରିଥାଏ । ଛେଳି କ୍ଷୀରରେ କ୍ୟାଲସିୟମ୍, ଭିଟାମିନ୍ ଏ ଏବଂ ବି, ସି ଭରପୂର ରହିଥାଏ । ଏହାକୁ ପିଇବା ଦ୍ୱାରା ହୃଦୟ ସ୍ୱାସ୍ଥ୍ୟ ଏବଂ ହାଡ଼ ମଜବୁତ ରୁହେ । ଏହା ପ୍ରଦାହ ଏବଂ ଚିନ୍ତା ମଧ୍ୟ ହ୍ରାସ କରେ । ଏହାର ଅନେକ ଅନ୍ୟାନ୍ୟ ଲାଭ ଅଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଛେଳି କ୍ଷୀରରେ ଲୁହା ଭରପୂର । ଏକ ଅଧ୍ୟୟନରୁ ଜଣାପଡିଛି ଯେ ଛେଳି କ୍ଷୀର ପିଇଥିବା ମୂଷାଙ୍କ ହାଡ଼ର ହିମୋଗ୍ଲୋବିନ ପୁନର୍ଜନ୍ମ କ୍ଷମତା ଗାଈ କ୍ଷୀର ପିଇଥିବା ମୂଷାଙ୍କ ତୁଳନାରେ ଅଧିକ ଥିଲା । ଏହାର ଗୁଣ ମସ୍ତିଷ୍କ ବିକାଶ ପାଇଁ ଉତ୍କୃଷ୍ଟ । ଏହାର ସେବନ ଚିନ୍ତା ହ୍ରାସ କରେ । ଏହି କ୍ଷୀର ସେବନ କରିବା ଦ୍ୱାରା ଶରୀରରେ ପ୍ରଦାହ ମଧ୍ୟ ହ୍ରାସ ହୁଏ। ଛେଳି କ୍ଷୀରରେ ଆଲଫା ହାଇଡ୍ରୋକ୍ସି ଏସିଡ୍ ଥାଏ । ଏଗୁଡ଼ିକ ଚର୍ମର ରଙ୍ଗ ଉନ୍ନତି ଏବଂ ଯତ୍ନ ପାଇଁ ଲାଭଦାୟକ । ଏହା ଚର୍ମକୁ ନରମ କରିବାରେ ମଧ୍ୟ ସାହାଯ୍ୟ କରେ । ଏହି କ୍ଷୀର ମହିଳାମାନଙ୍କ ମଧ୍ୟରେ ହରମୋନ ପରିବର୍ତ୍ତନକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ । ଛେଳି କ୍ଷୀରରେ ଓମେଗା-୩ ଫ୍ୟାଟି ଏସିଡ୍ ଥାଏ, ଯାହା ମସ୍ତିଷ୍କ ବିକାଶ ଏବଂ ସ୍ମୃତି ପାଇଁ ଲାଭଦାୟକ । ଯଦି ଆପଣ ମୋଟାପଣର ସମ୍ମୁଖୀନ ହେଉଛନ୍ତି ତେବେ, ଛେଳି କ୍ଷୀର ଏକ ଭଲ ବିକଳ୍ପ ହୋଇପାରେ । ଏଥିରେ ଗାଈ କ୍ଷୀର ତୁଳନାରେ ଚର୍ବି କମ୍ ଥାଏ, ଏବଂ ଚର୍ବି ସହଜରେ ହଜମ ହୁଏ । କ୍ଷୀରର ଉଚ୍ଚ ପ୍ରୋଟିନ ପରିମାଣ ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ଭର୍ତ୍ତି ଅନୁଭବ କରିବାରେ ସାହାଯ୍ୟ କରେ, ଭୋକ କମ୍ କରେ ଏବଂ ଓଜନକୁ ନିୟନ୍ତ୍ରଣ କରେ । ଛେଳି କ୍ଷୀରରେ ପ୍ରିବାୟୋଟିକ୍ସ ଥାଏ। ଯାହା ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆର ବୃଦ୍ଧିକୁ ପ୍ରୋତ୍ସାହିତ କରେ । ଏକ ସୁସ୍ଥ ପାଚନ ପ୍ରଣାଳୀକୁ ବଜାୟ ରଖେ । ଯଦି ଆପଣ ଆପଣଙ୍କର ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିବାକୁ କିମ୍ବା ଏକ ସନ୍ତୁଳିତ ମାଇକ୍ରୋବାଇଓମ୍ ବଜାୟ ରଖିବାକୁ ଚାହୁଁଛନ୍ତି, ତେବେ ଛେଳି କ୍ଷୀର ଏକ ଉତ୍ତମ ବିକଳ୍ପ।

## ଗରମ ପାଣିରେ ପାଦ ବୁଡ଼ାଇଲେ ମିଳିବ ଆଶ୍ଚର୍ଯ୍ୟଜନକ ଫାଇଦା



ଶୀତଦିନେ ଅନେକ ଲୋକ ପିଇବା କିମ୍ବା ଗାଧୋଇବା ପାଇଁ ଗରମ ପାଣି ବ୍ୟବହାର କରନ୍ତି, ହେଲେ କିଛି ଲୋକ ଗରମ ପାଣିରେ ପାଦ ବୁଡ଼ାଇବାର ଦେଖାଯାଏ । ଚାଲିବା ଠାରୁ ବସିବା ପର୍ଯ୍ୟନ୍ତ ଆମର ପାଦ ଆମ ସମଗ୍ର ଶରୀରର ଓଜନ ବହନ କରେ, ତେଣୁ ପାଦର ଯତ୍ନ ନେବା ନିହାତି ଆବଶ୍ୟକ। ଯେତେବେଳେ ଆମେ ଗରମ ପାଣିରେ ପାଦ ବୁଡ଼ାଇବା ସେତେବେଳେ ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ, ଚାପ ହ୍ରାସ କରେ ଏବଂ ଥକ୍କାପଣ ଦୂର କରେ। ତେଣୁ ଯଦି ଆପଣ ପ୍ରତିଦିନ ଗରମ ପାଣିରେ ପାଦ ବୁଡ଼ାନ୍ତି, ତାହାଲେ ଆପଣଙ୍କୁ ବିଭିନ୍ନ ରୋଗରୁ ମୁକ୍ତି ମିଳିବ। ଗରମ ପାଣିରେ କିଛି ସମୟ ପାଇଁ ପାଦ ବୁଡ଼ାଇ ରଖନ୍ତୁ, ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ, ଗୋଡ଼ ମାଂସପେଶୀରେ ଚାପ ଏବଂ ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରେ । ତେବେ ଆପଣ ଏହି ଉପାୟ ଅବଲମ୍ବନ କରିପାରିବେ । ଗରମ ପାଣି ମାଂସପେଶୀକୁ ଆରାମ ଦେବା ଏବଂ ଥକ୍କାପଣ ଦୂର କରିବାରେ ସାହାଯ୍ୟ କରେ । ଏହା ଏକ ବହୁତ ଭଲ ଏବଂ ପ୍ରଭାବଶାଳୀ ଉପାୟ । ଏହା ଆପଣଙ୍କ ପାଦରେ ଫୁଲା, ଯନ୍ତ୍ରଣା ଏବଂ ଗୋଡ ଫଟା ଚିକିତ୍ସା ପାଇଁ ଏକ ଭଲ ଉପାୟ । ଏହା ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏହା ପାଦକୁ ଆରାମ ଏବଂ ସମଗ୍ର ଶରୀରକୁ ଶାନ୍ତି ପ୍ରଦାନ କରେ, ଯଦି ଆପଣଙ୍କ ପାଦ ଶୀତଦିନେ ଅତ୍ୟଧିକ ଥଣ୍ଡା ହୁଏ, ତେବେ ଆପଣ ଏହା କରିପାରିବେ । ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରିପାରିବ ଏବଂ ପାଦକୁ ଗରମ କରିବାରେ ସାହାଯ୍ୟ କରେ । ଉଷୁମ ପାଣିରେ ଲୁଣ ସହିତ ଆପଣଙ୍କ ପାଦକୁ ଘଷିପାରିବେ, ଲୁଣରେ ମ୍ୟାଗ୍ନେସିୟମ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ଥାଏ । ଯାହା ପାଦକୁ ଆରାମ ପ୍ରଦାନ କରେ ଏହା ଫୁଲା କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ଏହା ବିଷମୁକ୍ତ କରିବାରେ ମଧ୍ୟ ସାହାଯ୍ୟ କରେ । ଏହା ବ୍ୟତୀତ, ଯଦି ଆପଣଙ୍କର ପାଟି ଦୁର୍ଗନ୍ଧ ହୁଏ, ତେବେ ଲୁଣ ପାଣି ସାହାଯ୍ୟରେ ପାଟିକୁ ସଫା କରିପାରିବେ। ଜ୍ୱର ସମୟରେ ଗରମ ପାଣିରେ ପାଦ ବୁଡ଼ାଇ ରଖିବାର ଏକ ବହୁତ ପୁରୁଣା ଉପାୟ । ଏହା ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବାରେ ଏବଂ ଧୀରେ ଧୀରେ ଜ୍ୱରକୁ କମ୍ କରିବାରେ ସାହାଯ୍ୟ କରେ । ଏହା ଗୋଡର ସ୍ନାୟୁ ଗୁଡ଼ିକୁ ସକ୍ରିୟ କରେ ଏବଂ ଶରୀରର ଶକ୍ତିକୁ ସ୍ଥିର କରେ । ପାଦକୁ ତଳକୁ ଉତ୍ତାପ ପ୍ରବାହରେ ସାହାଯ୍ୟ କରେ, ଯାହା ମୁଣ୍ଡରୁ ଉତ୍ତାପକୁ କମ୍ କରେ। ତେଣୁ ଯଦି ଆପଣଙ୍କୁ ଜ୍ୱର ହୁଏ, ତେବେ ଆପଣ ଗରମ ପାଣିରେ ପାଦ ବୁଡ଼ାଇ ପାରିବେ । ଗରମ ପାଣିରେ ପାଦ ବୁଡ଼ାଇ ରଖିବା ଏକ ବହୁତ ସରଳ, ସୁଲଭ ଏବଂ ବୈଜ୍ଞାନିକ ଘରୋଇ ଉପଚାର । ଏହା କେବଳ ପାଦ ଯନ୍ତ୍ରଣା, ଫୁଲା, ଥଣ୍ଡା ପାଇଁ ନୁହେଁ। ମୁଖ ଦୁର୍ଗନ୍ଧ କିମ୍ବା ମାଂସପେଶୀରେ ଟାଣ, କିନ୍ତୁ ସାରା ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିବା, ଚାପ ହ୍ରାସ କରିବା ଏବଂ ଭଲ ନିଦ ପାଇଁ ମଧ୍ୟ । ଲୁଣ, ଭିନେଗାର କିମ୍ବା ଲାଭେଣ୍ଡର ତେଲ ଏବଂ ପୁଦିନା ପରି ଆବଶ୍ୟକୀୟ ତେଲ ମିଶାଇଲେ ଲାଭ ବୃଦ୍ଧି ହୁଏ। ବିଶେଷକରି ଶୀତଦିନେ ଏବଂ ଦିନର ଶେଷରେ, କେବଳ ୧୫-୨୦ ମିନିଟ୍ ପାଇଁ ଏହା କରନ୍ତୁ ଏବଂ ଆପଣ ନିଜେ ଅନୁଭବ କରିବେ । ତେଣୁ ଶୋଇବା ପୂର୍ବରୁ ପ୍ରତିଦିନ ଗରମ ପାଣିରେ ପାଦ ବୁଡ଼ାନ୍ତୁ କାରଣ ଏହି ଛୋଟ ଛୋଟ ଅଭ୍ୟାସଗୁଡ଼ିକ ଆପଣଙ୍କ ଦିନ ଏବଂ ଜୀବନକୁ ବହୁତ ସୁନ୍ଦର ଏବଂ ସୁସ୍ଥ କରିବ।

## ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଏହି ସବୁ ଖାଦ୍ୟ

ପିଲାଙ୍କ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ ସେମାନଙ୍କର ସ୍ୱାସ୍ଥ୍ୟ। ଅଧିକାଂଶ ବାପାମାଆ ପିଲାଙ୍କ ପେଟ ଭରିବା ପାଇଁ ସ୍ୱାସ୍ଥ୍ୟକର କିମ୍ବା ଅସ୍ୱାସ୍ଥ୍ୟକର କିଛି ମଧ୍ୟ ଖୁଆଇ ଦିଅନ୍ତି। ଏହାସହ କିଛି ପିଲା ଜଙ୍କ ଫୁଡ୍ ଖାଇବାକୁ ଜିଦି କରନ୍ତି। ଏମିତି କିଛି ଖାଦ୍ୟ ଜିନିଷ ଅଛି, ଯାହାକୁ କେବେ ପିଲାଙ୍କୁ ଖାଇବାକୁ ଦେବା ଉଚିତ୍ ନୁହେଁ। କାହିଁକି ନା ସବୁଠୁ ଅଧିକ ହାନିକାରକ। ଅନେକ ଦିନରୁ ସକାଳେ ଗୋଟେ କପ୍ ଚା ଓ ବିସ୍କୁଟ୍ ଅଧିକାଂଶ ଘରେ ପିଲାମାନେ ଖାଇଥାଆନ୍ତି। କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସକାଳୁ ସକାଳୁ କଫି କି ଚା' ନ ପିଇବା ଦେବା ଅନୁଚିତ୍। ଆପଣ ଚା ସ୍ଥାନରେ କ୍ଷୀର ଓ ବାଦାମ ଖାଇବାକୁ ଦେଇ ପାରିବେ। ବର୍ତ୍ତମାନ ପିଲାମାନେ ବର୍ଗର -ପିଜ୍ଜା ଖାଇବାକୁ ଦିଅନ୍ତି ଏବଂ ସେମାନେ ନିଜେ ବି ଏହାକୁ ଖାଇଥାନ୍ତି। ବର୍ଗର, ପିଜ୍ଜା, ଫ୍ରେଞ୍ଚ ଫ୍ରାଇଜ୍, ପାସ୍ତା , ମୋମୋଜ ପିଲାଙ୍କ ପାଇଁ କେବେ ବି ଭଲ ନୁହେଁ। ଏହି ସବୁ ଜିନିଷକୁ ଖାଇବା ଦ୍ୱାରା ପିଲା ଛୋଟବେଳୁ ହିଁ ମୋଟାପଣର ଶିକାର ହୁଅନ୍ତୁ। ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କ ବଢିଯାଏ । ପିଲାଙ୍କୁ କମ୍ ବୟସରେ ହିଁ କୋଲ୍ଡ ଡ୍ରିଙ୍କ୍ ଓ ପେଷ୍ଟ୍ରି ଖାଇବା ଦିଅନ୍ତୁ ନାହିଁ। ଏହି ସବୁ ଜିନିଷରେ ସୁଗାର ଅଧିକ ମାତ୍ରାରେ ରହିଥାଏ। କୋଲ୍ଡ ଡ୍ରିଙ୍କରେ ସୋଡା ଥାଏ , ଯାହା ପେଟ ଓ ଅନ୍ତଃନଳୀ ପାଇଁ ଖରାପ ହୋଇଥାଏ। ଏସବୁକୁ ଖାଇବା ଦ୍ୱାରା ପେଟ ଖରାପ ହେବା ସହ ବ୍ଲଡ୍ ସୁଗାର ବଢିଥାଏ। ଏତିକି ହିଁ ନହେଁ ପିଲାମାନେ ଚିପ୍ସ , କୁରକୁରେ ଓ ଚକୋଲେଟ୍ ମଧ୍ୟ ଖୁବ୍ ଖାଇଥାନ୍ତି। ଅଧିକାଂଶ ସମୟ ଏସବୁ ଖାଇବା ପାଇଁ ଖାଦ୍ୟ ଛାଡ଼ି ଦେଇଥା'ନ୍ତି। ପ୍ରୋସେସ୍ଡ ଫୁଡ୍ ଚିପ୍ସ , ଚକୋଲେଟରେ ବହୁ ମାତ୍ରାରେ ଲୁଣ -ଚିନି ରହିଥାଏ , ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପିଲାଙ୍କୁ ମ୍ୟାଗି ବା ନୁଡଲ୍ସ ମଧ୍ୟ ଦେବା ଉଚିତ୍ ନୁହେଁ। ଏହି ସବୁ ଜିନିଷରେ କେବଳ ମଇଦା ରହି ଥାଏ। ଯାହା ଅନ୍ତଃନଳୀ ଓ ପେଟ ପାଇଁ ଭଲ ନୁହେଁ। ଏହା ଦୀର୍ଘ ସମୟ ଯାଏ ହଜମ ହୋଇ ନଥାଏ ଏବଂ ପେଟ ଖରାପ ହୋଇ ଥାଏ।

## ସକାଳେ ପିଅନ୍ତୁ ତେଜପତ୍ର ପାଣି, ଦୂରେଇ ଯିବ ଅନେକ ରୋଗ

ତେଜପତ୍ର ହେଉଛି ଏକ ଔଷଧ ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ। ଏହା ଏମିତି ଏକ ଜଡିବୁଟି ଯାହାର ଅନେକ ଲାଭ ଅଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆମ ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଏହି ପତ୍ର ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ହୋଇପାରେ। ସକାଳେ ତେଜପତ୍ରକୁ ସିଝାଇ ଏହାର ପାଣି ପିଇବା ଦ୍ୱାରା ଅନେକ ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାର ମିଳିପାରେ। ଏହା କେବଳ ପାରମ୍ପାରିକ ରେସିପି ନୁହେଁ, ବୈଜ୍ଞାନିକ ଅନୁସନ୍ଧାନ ଦ୍ୱାରା ସମର୍ଥିତ ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରକ୍ରିୟା ମଧ୍ୟ। ପାଣିରେ ଫୁଟାଯାଇଥିବା ତେଜପତ୍ର ପିଇବା ଦ୍ୱାରା ଓଜନ ହ୍ରାସ କରିବାରେ ଏହା ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ସକାଳେ ଏହି ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ। ଏହା ଆମ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ସହାୟକ ହୋଇଥାଏ।

- ତେଜପତ୍ରର ଜଳ ଓଜନ ହ୍ରାସ ପ୍ରକ୍ରିୟାରେ ସାହାଯ୍ୟ କରେ। ଏହା ଆମର ଭୋକକୁ ହ୍ରାସ କରିଥାଏ ଏବଂ ଶରୀରକୁ ଡିଟକ୍ସାଇଫ କରିବାରେ ସାହାଯ୍ୟ କରିଥାଏ।
- ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଅଟେ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଆଣ୍ଟିଅକ୍ସିଡାଣ୍ଟଗୁଡିକ ମୁକ୍ତ ରେଡିକାଲ ନାମକ କ୍ଷତିକାରକ ପଦାର୍ଥ ସହିତ ଲଢେ ଯାହା ଅନେକ ରୋଗ ସୃଷ୍ଟି କରେ।
- ତେଜପତ୍ର ଜଳରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆମ କୋଷକୁ କ୍ଷତିରୁ ରକ୍ଷା କରିଥାଏ।
- କୋଷ୍ଠକାଠିନ୍ୟ ଏବଂ ଅଦୃଶ୍ୟତା ଭଳି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ଶରୀରକୁ ଶକ୍ତି ଆଣେ ଏବଂ ଥକ୍କାପଣ ଦୂର କରେ।
- ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରିବ । ଏହି ପତ୍ରରେ ପ୍ରଚୁର ପରିମାଣରେ ଭିଟାମିନ ସି ମିଳିଥାଏ। ଆମ ସ୍ୱାସ୍ଥ୍ୟ ପାଇଁ ଭିଟାମିନ ସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଫୁସଫୁସ ଏବଂ ହୃଦରୋଗ ସହିତ ଲଢିବାରେ ମଧ୍ୟ ସକ୍ଷମ।

## ମୁଣ୍ଡରେ ସାମାନ୍ୟ ଆଘାତ ସାଜିପାରେ ମୃତ୍ୟୁର କାରଣ, ସତର୍କତା ଜରୁରୀ




ମାନବ ଶରୀରର ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ତେବେ ମୁଣ୍ଡରେ କୌଣସି ଛୋଟ ଆଘାତ ଲାଗିବା ଦ୍ୱାରା ମଧ୍ୟ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ ଏବଂ ମସ୍ତିଷ୍କର ବଡ କ୍ଷତି ଘଟାଇବାର ସମ୍ଭାବନା ରହିଥାଏ । ବେଳେବେଳେ ଏହା ଅକ୍ଷମତା କରିଦେବା ସହିତ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ । ତେଣୁ ମୁଣ୍ଡରେ କୌଣସି ପ୍ରକାର ଆଘାତକୁ ଅଣଦେଖା କରିବା ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ଯଦି କୌଣସି ପ୍ରକାର ଲକ୍ଷଣ, ଆଘାତ ଲାଗେ ତାହାଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇବା ଜରୁରୀ ଅଟେ । ତେବେ ପ୍ରତିବର୍ଷ ମାର୍ଚ୍ଚ ୨୦ରେ 'ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସ' ବା ୱାର୍ଲ୍ଡ ହେଡ୍ ଇଞ୍ଜୁରି ଆୱାରନେସ୍ ଡେ' ପାଳନ କରାଯାଏ । ମୁଣ୍ଡରେ ଆଘାତର ଗମ୍ଭୀରତାକୁ ଏଡାଇବା ପାଇଁ ସତର୍କତା କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ମୁଣ୍ଡରେ ଆଘାତ କାହିଁକି ବିପଜ୍ଜନକ ?: ମୁଣ୍ଡରେ ଆଘତକୁ ବୟସ୍କଙ୍କଠାରେ ଅକ୍ଷମତା ଏବଂ ମୃତ୍ୟୁର ଏକ ସାଧାରଣ କାରଣ ଭାବରେ ବିବେଚନା କରାଯାଇଥାଏ । କେବଳ ଦୁର୍ଘଟଣା ଯୋଗୁଁ ମୁଣ୍ଡରେ ଆଘାତ ଲାଗିଥାଏ ତାହା ନୁହେଁ ବରଂ ଖେଳିବା, ଡେଇଁବା ସମୟରେ ମଧ୍ୟ ଲାଗିଥିବା ସାମାନ୍ୟ ଆଘାତ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର ମଧ୍ୟ କାରଣ ସାଜିଥାଏ । ଉତ୍ତରାଖଣ୍ଡର ଜଣେ ଅର୍ଥୋପେଡିକ୍ ବିଶେଷଜ୍ଞ ଡାକ୍ତର ହେମ ଯୋଶୀଙ୍କ କହିବା ଅନୁସାରେ, 'କୌଣସି କାରଣରୁ ମୁଣ୍ଡରେ ଆଘାତ ଲାଗିବା ପରେ ଯଦି ମୁଣ୍ଡରେ କ୍ଷତ ଚିହ୍ନ ଦେଖାଯାଏ, ଯନ୍ତ୍ରଣା ହୁଏ, ଆଖି ଫୁଲିଯିବା ଏବଂ ଆଖିପତା ବନ୍ଦ ହେବା, ନାକ କିମ୍ବା କାନରୁ ରକ୍ତସ୍ରାବ, ବେକରେ କଠିନତା, ଦେଖିବା ଏବଂ କହିବାରେ ଅସୁବିଧା ହୁଏ ତାହାଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ ନେବା ଆବଶ୍ୟକ । ଯଦି ପ୍ରାରମ୍ଭିର ଲକ୍ଷଣକୁ ଅଣଦେଖା କରାଯାଏ ଏବଂ ସଠିକ ସମୟରେ ଚିକିତ୍ସା କରାନଯାଏ ତାହାଲେ ପରିଣାମ ଗମ୍ଭୀର ହେବାର ସମ୍ଭାବନା ରହିଛି ।' ଦିବସ ପାଳନର ଉଦ୍ଦେଶ୍ୟ: ସରକାରୀ ଆକଳନ ଅନୁସାରେ, ସାରା ବିଶ୍ୱରେ ପ୍ରତି ୪ମିନିଟରେ ଜଣେ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁବରଣ କରିଥାଆନ୍ତି । ଭାରତରେ ଏହା ୭ ମିନିଟ ରହିଛି । ଅର୍ଥାତ ପ୍ରତି ୭ ମିନିଟରେ ଜଣଙ୍କର ମୃତ୍ୟୁ ହୋଇଥାଏ । ବିଶ୍ୱରେ ପ୍ରାୟ ୫ ପ୍ରତିଶତରୁ ଅଧିକ ଲୋକ ଦୁର୍ଘଟଣାରେ ମୁଣ୍ଡରେ ଆଘତ ଯୋଗୁଁ ମୃତ୍ୟୁ ହୋଇଥାଏ । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ ଭାରତରେ ମୋଟ ୪ ଲକ୍ଷ ୬୧ ହଜାରରୁ ଅଧିକ ସଡକ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୧ ଲକ୍ଷ ୬୮ ହଜାର ଲୋକ ମୃତ୍ୟୁ ବରଣ କରିଥିଲେ । ସଡକ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ମୁଣ୍ଡରେ ଆଘାତ ଲାଗିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ବିଷୟରେ ସଚେତନ କରାଇବା ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସର ମୂଳ ଉଦ୍ଦେଶ୍ୟ ଅଟେ । ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ସ୍କାଏକିଂ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଖେଳ ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ । କିଭଳି ରହିବେ ସତର୍କ: ଯାନବାହାନ ଚଳାଇବା ସମୟରେ ସତର୍କତା ଅବଲମ୍ବନ, ହେଲମେଟ୍ ପିନ୍ଧିବା ଜରୁରୀ ଅଟେ । ନିୟନ୍ତ୍ରଣ ଗତିରେ ଗାଡ଼ି ଚଳାନ୍ତୁ । ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କିମ୍ବା କୌଣସି ପ୍ରକାର ନିଶା ସେବନ କରନ୍ତୁ ନାହିଁ । ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ । ଖେଳକୁଦ ସମୟରେ ବ୍ୟାପକ ସତର୍କତା ଅବଲମ୍ବନ କରନ୍ତୁ ।

# ଗୌହାଟି ଟେଷ୍ଟରେ ମୁସ୍କିଲ ସ୍ଥିତିରେ ଭାରତ : କ୍ଲିନ୍ ସ୍ୱିପ୍ ଅଭିମୁଖେ ଦକ୍ଷିଣ ଆଫ୍ରିକା

**ଗୌହାଟୀ**

ଯାହା ଆଶଙ୍କା କରାଯାଉଥିଲା ଗୌହାଟୀ ଟେଷ୍ଟରେ ତାହା ହିଁ ଦେଖିବାକୁ ମିଳୁଛି। ଘରୋଇ ମାଟିରେ ଆଉ ଏକ ଲଜ୍ଜାଜନକ ସିରିଜ ପରାଜୟ ଅଭିମୁଖେ ଟିମ୍ ଇଣ୍ଡିଆ। ଗତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ଲିନ ସୁଇପର ଶିକାର ହୋଇଥିବା ଭାରତୀୟ ଦଳ ଏବେ ପୁଣି ଥରେ ସେହି ଅପକିର୍ତ୍ତୀ ନିଜ ନାଁରେ ଲେଖିବାକୁ ଯାଉଛି। ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନରେ ଦକ୍ଷିଣ ଆଫ୍ରିକା ୫ ୱିକେଟ୍ ହରାଇ ୨୬୦ ରନରେ ପାଳି ସମାପ୍ତି ଘୋଷଣା କରିଛି। ଫଳରେ ଭାରତ ସମ୍ମୁଖରେ ରହିଛି ୫୪୯ ରନର ବିଜୟ ଲକ୍ଷ୍ୟ। ଜବାବରେ ଭାରତ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ୍ ହରାଇ ୨୭ ରନ କରିଛି। କ୍ରିଜରେ ସାଇ ସୁଦର୍ଶନ ୨ ରନ ଓ କୁଲଦୀପ ଯାଦବ ୪ ରନ କରି ଅପରାଜିତ ଅଛନ୍ତି। ପଞ୍ଚମ ଦିନରେ ଭାରତକୁ ଜିତିବା ପାଇଁ ଅସମ୍ଭବ ୫୨୨ ରନ ଦରକାର ଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ଦରକାର ୮ ୱିକେଟ୍।

ଦକ୍ଷିଣ ଆଫ୍ରିକା ତୃତୀୟ ଦିନର ଅସମାପ୍ତ ଖେଳ ୨୬/୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ରିୟାନ ରିକଲଟନ ଓ ଆଡନ ମାରକ୍ରମ କ୍ରିଜରେ ଥିଲେ। ଦୁଇ ଓପନର ପ୍ରଥମ ୱିକେଟରେ ୫୯ ରନ ଯୋଡ଼ିଥିଲେ। ରିକଲଟନ ୩୫ ରନ ଓ ମାରକ୍ରମ ୨୯ ରନ କରି ଆଉଟ୍ ହୋଇଥିଲେ। ଉଭୟଙ୍କୁ ଜାଡ଼େଜା ପାଭିଲିୟନ ପଠାଇଥିଲେ। ଅଧିନାୟକ ତେମ୍ବା ବାଭୁମା (୩ ରନ)ଙ୍କୁ ଆଉଟ୍ କରିଥିଲେ ୱାଶିଂଟନ ସୁନ୍ଦର। ଲାଗିଲା ଦକ୍ଷିଣ ଆଫ୍ରିକା ଇନିଂସର ଶୀଘ୍ର ସମାପ୍ତି ଘଟିବ। କିନ୍ତୁ ଟ୍ରିଷ୍ଟନ ଷ୍ଟ ଓ ଟୋନି ଡି ଜୋର୍ଜି ଦମଦାର ବ୍ୟାଟିଂ କରି ଭାରତୀୟ ଶିବିରକୁ ନିରାଶ କରିଥିଲେ।




ଉଭୟ ଚତୁର୍ଥ ୱିକେଟ୍ ପାଇଁ ୧୦୧ ରନର ଭାଗିଦାରୀ ଯୋଡ଼ିଥିଲେ। ଟୋନି ଡି ଜୋର୍ଜି ୪୯ ରନ କରି ଆଉଟ୍ ହୋଇଥିଲେ। ଷ୍ଟବ୍ସ ଦମଦାର ବ୍ୟାଟିଂ କରି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ। ଷ୍ଟବ୍ସ ଆଉଟ୍ ହେବା ପରେ ଦକ୍ଷିଣ ଆଫ୍ରିକା ୫ ୱିକେଟ୍ ହରାଇ ୨୬୦ ରନରେ ପାଳି ସମାପ୍ତି ଘୋଷଣା କରିଛି। ଷ୍ଟବ୍ସ ୯ ଚୌକା ଓ ୧ ଛକା ସହ ୯୪ ରନ କରି ପାଭିଲିୟନ ଫେରିଥିଲେ। ଭାରତ ସମ୍ମୁଖରେ ରହିଛି ୫୪୯ ରନର ବିଜୟ ଲକ୍ଷ୍ୟ।

ଭାରତ ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶଜନକ ଆରମ୍ଭ କରିଛି। ଦୁଇ ଓପନର ଯଶସ୍ୱୀ ଜୟସ୍କାଲ(୧୩) ଓ କେଏଲ ରାହୁଲ(୬) ପାଭିଲିୟନ ଫେରିଛନ୍ତି। ଶେଷ ଦିନରେ ଭାରତକୁ କୌଣସି ଚମତ୍କାର ଇନିଂସ ହିଁ ପରାଜୟରୁ ବଞ୍ଚାଇ ପାରିବ। ଆଉ ବିଜୟଠୁ ୮ ୱିକେଟ୍ ଦୂରରେ ଭ୍ରମଣକାରୀ ଦଳ। ଉଲ୍ଲେଖନୀୟ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ କରିଥିଲା। ଜବାବରେ ଭାରତ ୨୦୧ ରନରେ ଅଲଆଉଟ୍ ହେବାରୁ ଭ୍ରମଣକାରୀ ଦଳ ୨୮୮ ରନର ବିଶାଳ ଅଗ୍ରଣୀ ହାସଲ କରିଥିଲା।

# ପୁନେ ଷ୍ଟାଡ଼ିୟମକୁ ଘରୋଇ ଭେନ୍ୟୁ ରୂପେ ନେବା ପାଇଁ ଆରସିବି, ରାଜସ୍ଥାନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା



**ମୁମ୍ବାଇ**

ଆଗାମୀ ଆଇପିଏଲ୍‌ରେ ପୁନେ ସ୍ଥିତ ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡ଼ିୟମ୍‌କୁ ଘରୋଇ ଭେନ୍ୟୁ ରୂପେ ନେବା ପାଇଁ ଦୁଇ ଫ୍ରାଞ୍ଚାଇଜ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବେଙ୍ଗାଲୁରୁ ସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍ ଦୀର୍ଘ ୧୮ ବର୍ଷ ଧରି ରୟାଲ୍ ଚ୍ୟାଲେଞ୍ଜର୍ସର ଘରୋଇ ଗ୍ରାଉଣ୍ଡ ରହିଥିଲା। ଗତ ବର୍ଷ ରୟାଲ୍ ଚ୍ୟାଲେଞ୍ଜର୍ସ ଚାମ୍ପିଅନ୍ ହେବା ପରେ ବିଜୟ ଉତ୍ସବ ସମୟରେ ଦଳାଚକଟାରେ ୧୧ ଜଣଙ୍କ ପ୍ରାଣହାନୀ ଘଟିଥିଲା। ଏହି ଘଟଣା ପରଠୁ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍‌ରେ କୌଣସି ମ୍ୟାଚ୍ ଆୟୋଜନ କରିବା ପାଇଁ କର୍ଣ୍ଣାଟକ ସରକାର ଅନୁମତି ଦେଉ ନାହାନ୍ତି। ତେଣୁ ରୟାଲ୍ ଚ୍ୟାଲେଞ୍ଜର୍ସ ନୂଆ ଭେନ୍ୟୁ ସନ୍ଧାନରେ ରହିଛି।

ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ପକ୍ଷରୁ ରୟାଲ୍ ଚ୍ୟାଲେଞ୍ଜର୍ସକୁ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଇତି ମଧ୍ୟରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏକ ଦଳ ପୁନେ ଷ୍ଟାଡ଼ିୟମ୍ ସର୍ବେକ୍ଷଣ କରି ଫେରିଛନ୍ତି। ଷ୍ଟାଡ଼ିୟମ୍‌ର ଦର୍ଶକ ଧାରଣ କ୍ଷମତା ଓ ଖେଳାଳିଙ୍କ ରହିବା ପାଇଁ ନିକଟସ୍ଥ ହୋଟେଲ ସବୁ ଦେଖି ଉକ୍ତ ଦଳ ଫେରିଯାଇଥିବା ଜଣାପଡ଼ିଛି। ଗତ ସିଜନରେ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍ ଓ ରାଜସ୍ଥାନ କ୍ରିକେଟ୍ ଆସୋସିଏସନ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଯାହାକୁ ନେଇ ରାଜସ୍ଥାନ ରୟାଲ୍ସ ସୱାଇ ମାନସିଂ ଷ୍ଟାଡିୟମ୍‌ରେ ମ୍ୟାଚ୍ ଆୟୋଜନ କରିବାକୁ ଚାହୁଁନାହିଁ। ପୁନେରେ ୪ଟି ଘରୋଇ ମ୍ୟାଚ୍ ଆୟୋଜନ କରିବାକୁ ଚାହୁଁଥିବା ରାଜସ୍ଥାନ ରୟାଲ୍ସ ମହାରାଷ୍ଟ୍ର କ୍ରିକେଟ ଆସୋସିଏସନକୁ ଲିଖିତ ଭାବେ ଜଣାଇ ସାରିଛି।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଯଦୁପୁର ଓ ମଞ୍ଚେଶ୍ୱର ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଯଦୁପୁର ଦଳ ଗଙ୍ଗପଡ଼ା ଦଳକୁ ୫ ୱିକେଟରେ ପରାସ୍ତ କରିଛି। ଗଙ୍ଗପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ଯଦୁପୁର ଦଳ ୧୨ ଓଭରରେ ଆବଶ୍ୟକ ୧୦୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଏମ.ଡି ତବ୍ରିଜ୍‌ଙ୍କୁ ସମାଜସେବୀ ନରେନ୍ଦ୍ର ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍ (ନନ ଆଧାର) ଟସ୍‌ରେ ବିଜୟ ଲାଭ କରି ମଞ୍ଚେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର୍ ଦଳ ନିର୍ଦ୍ଧାରିତ ୧୭.୫ ଓଭରରୁ ସମସ୍ତ ୱିକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରାକେଶ ସାହୁ ୫୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୮୭ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମନୋଜ ବାରିକ ୩ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ଗୋବର୍ଦ୍ଧନ ହାତୀ, ସଞ୍ଜୀୟ ପାଇକରାୟଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ତୁଷାର କାନ୍ତ ସୁନ୍ଦରାୟ, ପ୍ରୀତିରଞ୍ଜନ ବିଜୟସିଂ, ସାନୁଜ ବିଶ୍ୱାଳ ଓ ଆଲୋକ ରଂଜନ ଜେନା। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ବନାମ ମୁକୁନ୍ଦ ପ୍ରସାଦ ଏବଂ ଦ୍ୱିତୀୟ ମ୍ୟାଚ୍ ଅତ୍ରି ବନାମ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି।




# ଟି-୨୦ ବିଶ୍ୱକପ୍ ୨୦୨୬ କାର୍ଯ୍ୟସୂଚୀ ଘୋଷଣା
## ଫେବୃଆରୀ ୧୫ରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ

**ମୁମ୍ବାଇ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଟି-୨୦ ବିଶ୍ୱକପ୍ ୨୦୨୬ର ସମ୍ପୂର୍ଣ୍ଣ ସୂଚୀ ଘୋଷଣା କରିଛି। ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଏବଂ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି।

ବିଶ୍ୱକପ୍ ଫେବୃଆରୀ ୭, ୨୦୨୬ରେ ଆରମ୍ଭ ହେବ ଏବଂ ଫାଇନାଲ୍ ମ୍ୟାଚ୍ ମାର୍ଚ୍ଚ ୮ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ତେବେ ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚେ, ତେବେ ଫାଇନାଲ୍ କଲମ୍ବୋରେ ଖେଳାଯିବ। ସେମି-ଫାଇନାଲ୍ ମୁକାବିଲା କୋଲକାତା ଏବଂ ମୁମ୍ବାଇରେ ଆୟୋଜିତ ହେବ। ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ମ୍ୟାଚ୍ ଫେବୃଆରୀ ୧୫ ତାରିଖରେ କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ।

ଭାରତର ଗ୍ରୁପ୍ ଏବଂ କାର୍ଯ୍ୟସୂଚୀ :

ଭାରତ ଗ୍ରୁପ୍‌ରେ ପାକିସ୍ତାନ, ଆମେରିକା, ନେଦରଲାଣ୍ଡ୍ସ ଏବଂ ନାମିବ୍ୟା ସହିତ ରହିଛି।

ଫେବୃଆରୀ ୭: ଭାରତ ବନାମ ଆମେରିକା (ମୁମ୍ବାଇ)
ଫେବୃଆରୀ ୧୨: ଭାରତ ବନାମ ନାମିବ୍ୟା (ଦିଲ୍ଲୀ)
ଫେବୃଆରୀ ୧୫: ଭାରତ ବନାମ ପାକିସ୍ତାନ (କଲମ୍ବୋ)
ଫେବୃଆରୀ ୧୮: ଭାରତ ବନାମ ନେଦରଲାଣ୍ଡ୍ସ (ଅହମଦାବାଦ)

# ନିୟମିତ ଚଳାଚଳ କରିବ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଏବଂ ଗୁଜୁରାଟ ମଧ୍ୟରେ ଯାତ୍ରୀ ସୁବିଧାରେ ବୃଦ୍ଧି ଏବଂ ଦୂରଗାମୀ ସଂଯୋଗୀକରଣକୁ ଉନ୍ନତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସପ୍ତାହରେ ତିନିଦିନ ପରିବର୍ତ୍ତେ ନିୟମିତ ଚଳାଚଳ କରିବା ପାଇଁ ଅନୁମୋଦନ କରିଛି।

ଏହି ନିଷ୍ପତ୍ତି ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଅଞ୍ଚଳଗୁଡ଼ିକରେ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସେବା ପ୍ରଦାନ କରିବା ଲାଗି ରେଳ ମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଉପରୋକ୍ତ ପରିବର୍ତ୍ତନଗୁଡିକ ଖୁବଶୀଘ୍ର ଯାତ୍ରୀମାନଙ୍କ ପାଇଁ କାର୍ଯ୍ୟକାରୀ ହେବ, ଯାହା ପରେ ସୂଚିତ କରାଯିବ।



# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ-୨୦୨୫ ଅବସରରେ ସପ୍ତମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ରିକେଟ ଷ୍ଟାଡିୟମ ଠାରେ ମଙ୍ଗଳବାର ଆୟୋଜିତ ୩-ଦିନିଆ ସପ୍ତମ ରାଜ୍ୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।

ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରୋଇତା, ଉପ-ଶାସନ ସଚିବ ବସନ୍ତ ବେହେରା, ଉପ-ଶାସନ ସଚିବ, ସନ୍ନ୍ୟାସୀ କୁମାର ବେହେରା, ଶିଶୁ ଓ ମହିଳା ବିକାଶ ସମିତିର ଅଧ୍ୟକ୍ଷା ମେଜର୍ ଡକ୍ଟର କଳ୍ପନା ଦାସ, ସୋଆର କ୍ରୀଡ଼ା ଅଧିକାରୀ ସୁନୀତା ବର୍ମା ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ଦୃଷ୍ଟିବାଧିତ କ୍ରିକେଟର ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକ୍‌ବାଲ ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ।



ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଯଥା-ସ୍କୁଲ ଫର୍ ଦି ବ୍ଲାଇଣ୍ଡ, ରାଣୀପାଟଣା ବାଲେଶ୍ୱର, ଲୁଇ ବ୍ରେଲ୍ ସ୍କୁଲ ଦୃଷ୍ଟିହୀନ ମହିଳା କ୍ରିକେଟ ଟିମ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଶୈଳବାଳା ଦୃଷ୍ଟିହୀନ ମହିଳା କ୍ରିକେଟ ଟିମ୍, କଟକ, ରେଡକ୍ରସ ସ୍କୁଲ ଫର ଦ ବ୍ଲାଇଣ୍ଡ, ଆମ୍ବପୁଆ, ଗଞ୍ଜାମ, ମୟୂରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ, ଭୀମଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଲାଙ୍ଗୀର ଦୃଷ୍ଟିହୀନ କ୍ରିକେଟ ଦଳ।

ପ୍ରଥମ ଲିଗ୍ ମ୍ୟାଚ୍ ବାଲେଶ୍ୱର ସ୍କୁଲ ଫର ଦ ବ୍ଲାଇ, ରାଣୀପାଟଣା ଏବଂ ମୟୂରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ସ୍କୁଲ ଫର ଦ ବ୍ଲାଇଣ୍ଡ, ଆମ୍ବପୁଆ ମଧ୍ୟରେ ହୋଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ୍ ଲୁଇ ବ୍ରେଲ ସ୍କୁଲ ଓ ବଲାଙ୍ଗୀର ଦୃଷ୍ଟିହୀନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୁଇ ବ୍ରେଲ ସ୍କୁଲ ଭୁବନେଶ୍ୱର ବିଜୟ ଲାଭ କରିଥିଲା। ସେହିପରି ୪ର୍ଥ ମ୍ୟାଚ୍ ଶୈଳବାଳା କଲେଜ କଟକ ଓ ଭୀମଭୋଇ ସ୍କୁଲ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଶୈଳବାଳା କଲେଜ ବିଜୟ ଲାଭ କରିଥିଲା। ପଦ୍ମିନୀ ଟୁଡୁ, ରଚନା ଜେନା, ସୁକାନ୍ତି ଦଳପତି ଓ ବିନିତା ତପୋ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

# ଜାତୀୟ ସ୍ତରୀୟ ତାଇକୋଣ୍ଡୋରେ ଧର୍ମଶାଳା ଖେଳାଳିଙ୍କ କୃତିତ୍ୱ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଉତ୍ତରପ୍ରଦେଶ ବରେଲି ସ୍ଥିତ ସ୍ପୋର୍ଟସ ଷ୍ଟାଡିୟମ୍ ଇଣ୍ଡୋର ହଲରେ ଅନୁଷ୍ଠିତ ୪୧ତମ ସିନିୟର୍ ଓ ଅଷ୍ଟମ କ୍ୟାଡେଟ୍ କ୍ୟୁରୋଗି ଏବଂ ପୁମସେ ତାଇକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଧର୍ମଶାଳା ଅଞ୍ଚଳର ଖେଳାଳିମାନେ କୃତିତ୍ୱ ହାସଲ କରିଛନ୍ତି। ନଭେମ୍ବର ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୯ଟି ରାଜ୍ୟର ମୋଟ ୮୫୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଓଡ଼ିଶାରୁ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀରୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରଣ କରି ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପୁମସେ ସିନିୟର୍ ବିଭାଗରେ ସୌମ୍ୟ ସ୍ୱରୂପ ସ୍ୱର୍ଣ୍ଣ ଓ କ୍ୟାଡେଟ୍ ବିଭାଗରେ ସୁଧାଂଶୁ ସାହୁ ରୋପ୍ୟ ପଦକ ହାସଲ କରିଛନ୍ତି। ସେହିପରି କ୍ୟୁରୋଗିରେ ଓମ୍ କ୍ରିଷ୍ଣା ରୋପ୍ୟ ଓ ଆଦିତ୍ୟ କୁମାର ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଯାଜପୁର ଜିଲ୍ଲାରୁ ଜାତୀୟସ୍ତର ଖେଳରେ ପ୍ରଥମଥର ପୁମସେରେ ସୌମ୍ୟ ସ୍ୱରୂପ ଓ ସୁଧାଂଶୁ ସାହୁ ନିଜ ନିଜ ବିଭାଗରେ ବିଜୟ ଲାଭ କରିଥିବାରୁ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଯାଜପୁର ଟାଇକୋଣ୍ଡୋ ଆସୋସେଶନ ସମ୍ପାଦକ ଯଯାତି କେଶରୀ ଧଳ, ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ସହ ସମ୍ପାଦକ ସୁଶାନ୍ତ କୁମାର ବେହେରା କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ସମର ସିଂହଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଖେଳାଳିମାନେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଥିବା ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀରୁ ପ୍ରଶିକ୍ଷଣ ନେଉଥିବା ଜଣାପଡ଼ିଛି।

# ସମ୍ବିଧାନର ସୁରକ୍ଷା: ନାଗରିକଙ୍କ ଦାୟିତ୍ୱ



ପ୍ରଫେସର ନେତାଜୀ ଅଭିନନ୍ଦନ
ବିଭାଗୀୟ ମୁଖ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ

ଭାରତୀୟ ସମ୍ବିଧାନ ଆଧୁନିକ ବିଶ୍ୱର ସବୁଠୁ ଦୂରଦୃଷ୍ଟିସମ୍ପନ୍ନ ରାଜନୈତିକ ଦଲିଲମାନଙ୍କ ମଧ୍ୟରୁ ଅନ୍ୟତମ। ଏହା କେବଳ ଶାସନ କିପରି ଚାଲିବ ତାହା ନିର୍ଦ୍ଦେଶ କରେନି, ବରଂ ଏକ ନ୍ୟାୟପୂର୍ଣ୍ଣ, ସମାନତାମୂଳକ, ଲୋକତାନ୍ତ୍ରିକ ଓ ମାନବିକ ସମାଜ ଗଠନର ଆଦର୍ଶକୁ ସ୍ଥାପିତ କରେ। ସମ୍ବିଧାନର ପ୍ରାକ୍‌କଥନର ଆରମ୍ଭ "ଆମେ, ଭାରତର ଜନତା" କୌଣସି ସାଧାରଣ ଭାଷା ନୁହେଁ – ଏହା ଅଧିକାର ଓ ଦାୟିତ୍ୱର ଘୋଷଣା। ଏହା ସ୍ପଷ୍ଟ କରେ ଯେ ସମ୍ବିଧାନର ସ୍ୱାମୀ ଓ ସଂରକ୍ଷକ ସରକାର ନୁହେଁ, ନାଗରିକମାନେ। ତେଣୁ ସମ୍ବିଧାନର ଗାରିମାକୁ ବଜାୟ ରଖିବା, ଶକ୍ତିଶାଳୀ କରିବା ଓ ପରମ୍ପରାଗତ ଭାବରେ ପରବର୍ତ୍ତୀ ପିଢିକୁ ଦେଇଯିବା ନାଗରିକଙ୍କର ସବୁଠାରୁ ବଡ଼ ଦାୟିତ୍ୱ।

ଭାରତୀୟ ସମ୍ବିଧାନ ନିର୍ଜୀବ ନିୟମାବଳୀ ନୁହେଁ, ବରଂ ଏକ ଜୀବନ୍ତ ଦଲିଲ – ସମାଜ, ସମୟ, ଓ ଗଣତନ୍ତ୍ର ସହିତ ପରିପକ୍ୱ ହେଉଥିବା ନିୟମପୁସ୍ତକ। ଏହାର ଶକ୍ତି ତାହାର ଦୈର୍ଘ୍ୟ ଓ ପ୍ରସ୍ଥରେ ନୁହେଁ; ଶକ୍ତି ରହିଛି ଲୋକମାନଙ୍କ ଦୈନନ୍ଦିନ ଆଚରଣରେ। ଯେଉଁଠାରେ ସାମ୍ବିଧାନିକ ମୂଲ୍ୟଗୁଡ଼ିକ – ସ୍ୱାଧୀନତା, ସମାନତା, ନ୍ୟାୟ ଓ ଭ୍ରାତୃତ୍ୱ – ନାଗରିକଙ୍କ ନୀତିଦିନିଆ ଜୀବନର ଅଂଶ ହୋଇଯାଏ, ସେଠାରେ ସମ୍ବିଧାନ ବଞ୍ଚି ରହେ। ତେଣୁ ନାଗରିକତା କେବଳ ଜନ୍ମସିଦ୍ଧ ଅଧିକାର ନୁହେଁ; ଏହା ଲୋକତାନ୍ତ୍ରିକ ମୂଲ୍ୟର ଉପଯୋଗ ଓ ନୀତିଶୀଳ ଆଚରଣର ଦାୟିତ୍ୱ।

ସମ୍ବିଧାନକୁ ପୋଷଣ କରିବାର ପ୍ରଥମ ରାସ୍ତା ହେଉଛି ଅଧିକାର ସଚେତନତା ଓ ସୁରକ୍ଷା। ଭାରତୀୟ ସମ୍ବିଧାନ ବିଭିନ୍ନ ମୌଳିକ ଅଧିକାର ପ୍ରଦାନ କରିଛି – ବ୍ୟକ୍ତିଗତ ସ୍ୱାଧୀନତା, ଭାଷା ଓ ମତ ପ୍ରକାଶ ଅଧିକାର, ସମାନତା, ଧର୍ମସ୍ୱାଧୀନତା, ଓ ମର୍ଯ୍ୟାଦାର ଅଧିକାର। କିନ୍ତୁ ଯଦି ନାଗରିକମାନେ ଏହି ଅଧିକାରଗୁଡ଼ିକ ଜାଣନ୍ତିନାହିଁ, ବୁଝନ୍ତି ନାହିଁ, କିମ୍ବା ଦାବି କରିପାରନ୍ତି ନାହିଁ, ତେବେ ସେଗୁଡ଼ିକ ଅର୍ଥହୀନ ହୋଇଯାଏ। ଅଧିକାରର ସୁରକ୍ଷା କେବଳ ନିଜ ପାଇଁ ନୁହେଁ; ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ନାଗରିକୀୟ ଦାୟିତ୍ୱ। ସଂଖ୍ୟାଲଘୁ, ଆଦିବାସୀ, ଦଳିତ, ନାରୀ, ଅସମର୍ଥ – ଯେ କୌଣସି ଶୋଷିତ ଭାଗୀଦାରଙ୍କ ଅଧିକାର ଉଲ୍ଲଂଘନ ହେଲେ, ସଚେତନ ନାଗରିକଙ୍କ କର୍ତ୍ତବ୍ୟ ହେଉଛି ସ୍ୱର ଉତ୍ତୋଳନ କରିବା। ଯେଉଁ ଦେଶର ନାଗରିକମାନେ ଅନ୍ୟଙ୍କ ଅଧିକାର ପାଇଁ ଲଢ଼ନ୍ତି, ସେଇ ଦେଶର ସମ୍ବିଧାନ ସବୁଠାରୁ ଶକ୍ତିଶାଳୀ।

ଅଧିକାର ସହିତ ଥାଏ ମୌଳିକ କର୍ତ୍ତବ୍ୟ, ଯାହା ନାଗରିକ ଜୀବନର ନୀତିଶୀଳ ଭିତ୍ତି। ଯଦିଓ କର୍ତ୍ତବ୍ୟ ଆଇନସମ୍ମତ ଭାବରେ ଲାଗୁ ହୋଇପାରେନାହିଁ, କିନ୍ତୁ ସେଗୁଡ଼ିକ ଲୋକତାନ୍ତ୍ରିକ ଆଚରଣର ସଂସ୍କୃତି ଗଢ଼େ। ସମ୍ବିଧାନକୁ ସମ୍ମାନ କରିବା, ସାମ୍ପ୍ରଦାୟିକ ସଦଭାବ ରକ୍ଷା କରିବା, ବୈଜ୍ଞାନିକ ମନୋଭାବ ଉନ୍ନତ କରିବା, ପରିବେଶ ସୁରକ୍ଷା, ସାର୍ବଜନିନ ସମ୍ପତ୍ତିକୁ ସଂରକ୍ଷଣ କରିବା – ଏସବୁ ନାଗରିକତାକୁ ଅନ୍ତର୍ନିହିତ ଅର୍ଥ ଦେଇଥାଏ। ଯଦି ନାଗରିକମାନେ ଘୃଣା, ବିଭାଜନ ଓ ଅନୀତିକୁ ପ୍ରତ୍ୟାଖ୍ୟାନ କରନ୍ତି, ସହିଷ୍ଣୁତା ଓ ସହଭାଗୀତାକୁ ଗୁରୁତ୍ୱ ଦିଅନ୍ତି, ତେବେ ଲୋକତନ୍ତ୍ର ସୁସ୍ଥ ଭାବେ ଚାଲେ। ଅଧିକାର କେବଳ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା କରେ; କର୍ତ୍ତବ୍ୟ ରାଷ୍ଟ୍ରୀୟ ଏକତା ଓ ସାମାଜିକ ଦାୟିତ୍ୱକୁ ନିଶ୍ଚିତ କରେ।

ଲୋକତନ୍ତ୍ରର ସ୍ୱାସ୍ଥ୍ୟ ସବୁଠାରୁ ଅଧିକ ନାଗରିକଙ୍କ ରାଜନୈତିକ ଅଂଶଗ୍ରହଣ ଉପରେ ନିର୍ଭର କରେ। ଭୋଟ ଦେବା ସୁଦୂରପର୍ଯ୍ୟନ୍ତ ବ୍ୟାପକ ଅଧିକାର ହେଲେ ମଧ୍ୟ, ଲୋକତନ୍ତ୍ରର ପ୍ରକୃତ ଆତ୍ମା ନାଗରିକଙ୍କ ସକ୍ରିୟତା, ସମାଜିକ ସହଭାଗୀତା ଓ ଅବିରତ ସଚେତନତାରେ ରହିଛି। ଭୋଟ ଦେବା କର୍ତ୍ତବ୍ୟର କେବଳ ଗୋଟିଏ ଅଂଶ; ସେଠିକି ଭୋଟ ଦେବା ପୂର୍ବରୁ ସଠିକ୍ ସୂଚନା ଆଧାରରେ ନିଷ୍ପତ୍ତି ନେବା – ଯାହାକୁ ଅଧିକାର ଓ ସଂଗଠିତ ନାଗରିକତାର ମୂଳ ବୋଲି ଗଣନା କରାଯାଏ – ସେଇଟା ବେଶି ଗୁରୁତ୍ୱପୂର୍ଣ୍ଣ। ପ୍ରାର୍ଥୀ କେତେ ବଡ଼ ନେତା କିମ୍ବା ବିକାଶ ପ୍ରତିଶ୍ରୁତି କେତେ ଆକର୍ଷଣୀୟ – ଏସବୁ ନୁହେଁ; ନାଗରିକଙ୍କ ପାଇଁ ପ୍ରଶ୍ନ ହେଉଛି, ସେହି ପ୍ରାର୍ଥୀ ସାମ୍ବିଧାନିକ ମୂଲ୍ୟବୋଧକୁ ମାନନ୍ତି କି? ନିୟମ ମାନନ୍ତି କି? ସାମାନ୍ୟ ଲୋକଙ୍କ ପାଇଁ କାମ କରନ୍ତି କି? ଏବେ ଯୁଗ 'ସଚେତନ ଭୋଟର'ର ଯୁଗ।

ନାଗରିକମାନଙ୍କ ଅନ୍ୟ ଏକ ପ୍ରମୁଖ ଭୂମିକା ହେଉଛି ସାମ୍ବିଧାନିକ ନୀତିବୋଧ ରକ୍ଷା କରିବା। ଡକ୍ଟର ବି.ଆର. ଅମ୍ବେଦକରଙ୍କ ସ୍ପଷ୍ଟ ସତର୍କବାଣୀ ଥିଲା – ସମ୍ବିଧାନ ଯେତେ ଶକ୍ତିଶାଳୀ ହେଉ, ଯଦି ନାଗରିକମାନେ ନୀତି, ନିୟମ, ସହିଷ୍ଣୁତା ଓ ନ୍ୟାୟ ଚର୍ଚ୍ଚା କରିବେନାହିଁ, ତେବେ ଲୋକତନ୍ତ୍ର ଦୀର୍ଘକାଳ ସୁସ୍ଥ ରହିପାରିବ ନାହିଁ। ସାମ୍ବିଧାନିକ ନୀତିବୋଧର ଅର୍ଥ ହେଉଛି ବିଭିନ୍ନ ମତକୁ ସମ୍ମାନ, ଆଇନର ଶାସନକୁ ମାନ୍ୟତା, ପ୍ରତିଷ୍ଠାନମାନଙ୍କ ସ୍ୱାଧୀନତାକୁ ସୁରକ୍ଷା, ଏବଂ ସହିଷ୍ଣୁତା ଓ ଭ୍ରାତୃତ୍ୱକୁ ଜୀବନର ଅଂଶ କରିବା। ଭାରତର ବିଭିନ୍ନତା – ଧର୍ମ, ଭାଷା, ଜାତି, ସଂସ୍କୃତି – ଲୋକତନ୍ତ୍ରକୁ ସୁନ୍ଦର କରେ; କିନ୍ତୁ ସେଇ ବିଭିନ୍ନତାକୁ ସନ୍ତୁଳିତ କରିବା ପାଇଁ ସାମ୍ବିଧାନିକ ନୀତିବୋଧ ଅତ୍ୟାବଶ୍ୟକ।

ନାଗରିକମାନେ ସମ୍ବିଧାନକୁ ପୋଷଣ କରନ୍ତି ସେତେବେଳେ, ଯେବେ ସେମାନେ ପ୍ରତିଷ୍ଠାନମାନଙ୍କ ସ୍ଥିରତା ଓ ସ୍ୱାଧୀନତା ରକ୍ଷା କରନ୍ତି। ନ୍ୟାୟାଳୟ, ନିର୍ବାଚନ କମିଶନ, ସଂସଦ, ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ଗଣମାଧ୍ୟମ – ଏମାନଙ୍କ ଜରିଆରେ ସମ୍ବିଧାନ କାର୍ଯ୍ୟକାରୀ ହୁଏ। ଏହାମାନେ ତାହାର ଗୁରୁତ୍ୱ ରଖିପାରନ୍ତି, ଯଦି ନାଗରିକମାନେ ଏଥିରେ ଶ୍ରଦ୍ଧା ଓ ଦାୟିତ୍ୱବୋଧ ଦେଖାନ୍ତି। ଯେତେବେଳେ ନାଗରିକମାନେ ଦୁର୍ନୀତିକୁ ପ୍ରତ୍ୟାଖ୍ୟାନ କରନ୍ତି, ଅନୀତିକୁ ଚ୍ୟାଲେଞ୍ଜ କରନ୍ତି, ସୂଚନା ଅଧିକାର ଦାବି କରନ୍ତି, ଏବଂ ସ୍ୱତନ୍ତ୍ର ପ୍ରତିଷ୍ଠାନମାନଙ୍କୁ ସମର୍ଥନ କରନ୍ତି – ସେଠିକି ସମିଧାନ ତାହାର ଶକ୍ତି ପାଏ। ଯଦି ନାଗରିକମାନେ ବ୍ୟକ୍ତିକୁ ପୂଜନ୍ତି କିନ୍ତୁ ପ୍ରତିଷ୍ଠାନକୁ ନୁହେଁ, ତେବେ ସମ୍ବିଧାନ ଦୁର୍ବଳ ହୋଇଯାଏ।

ଆଧୁନିକ ଡିଜିଟାଲ୍ ଯୁଗ ନାଗରିକଙ୍କ ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି ଓ ନୂଆ ସୁଯୋଗ ମଧ୍ୟ ଆଣି ଦେଇଛି। ସୋସିଆଲ୍ ମିଡିଆର ଭ୍ରାନ୍ତ ସୂଚନା, ଘୃଣା ଭାଷଣ, ଡିଜିଟାଲ୍ ଠକେଇ ଓ ଆଲଗୋରିଦମିକ ପ୍ରଭାବ – ଏହାମାନେ ସମ୍ବିଧାନୀୟ ମୂଲ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରୁଛି। ସେହିପାଇଁ ନାଗରିକମାନେ ଡିଜିଟାଲ୍ ସାଚେତନତା, ତଥ୍ୟ ଶୃଙ୍ଖଳାବଧାନ, ଯୁକ୍ତିମୂଳକ ଚିନ୍ତା ଓ ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ଆଚରଣ ଅବଲମ୍ବନ କରିବା ଆବଶ୍ୟକ। ଡିଜିଟାଲ୍ ନାଗରିକତା ଆଜିର ଦିନରେ ଲୋକତାନ୍ତ୍ରିକ ନାଗରିକତାର ଅଂଶ।

ସମ୍ବିଧାନକୁ ପୋଷଣ କରିବାର ଆଉ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସମାଜ ଓ ଗୋଷ୍ଠୀର ସକ୍ରିୟ ସହଭାଗୀତା। ଆଞ୍ଚଳିକ ସମସ୍ୟାର ସମାଧାନ, ଗୋଷ୍ଠୀ ବିକାଶ, ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାନାଧିକାର ଉଦ୍ୟମ – ଏସବୁକୁ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି ସମର୍ଥନ କରେ। କିନ୍ତୁ ସରକାର ଏକାକୀ ଏହାକୁ ସଫଳ କରିପାରିବେ ନାହିଁ। ନାଗରିକମାନଙ୍କ ସଚେତନତା ଓ ସମୁହିକ ପ୍ରୟାସ ଆବଶ୍ୟକ। ଯେତେବେଳେ ନାଗରିକମାନେ ଜାତି ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରନ୍ତି, ନାରୀ ସୁରକ୍ଷା ଓ ସମାନତାକୁ ସମର୍ଥନ କରନ୍ତି, ସାମ୍ପ୍ରଦାୟିକ ଘୃଣାକୁ ପ୍ରତିହତ କରନ୍ତି, ସେତେବେଳେ ସାମ୍ବିଧାନିକ ମୂଲ୍ୟ ସମାଜରେ ପ୍ରାଣ-ପ୍ରତିଷ୍ଠା ପାଏ। ସମ୍ବିଧାନ କୋର୍ଟରେ ନୁହେଁ; ସମାଜରେ ବଞ୍ଚିଥାଏ।

ସମୟ ସହିତ ଦେଶର ସମସ୍ୟାମାନେ ମଧ୍ୟ ପରିବର୍ତ୍ତିତ ହେଉଛନ୍ତି – ଜଳବାୟୁ ପରିବର୍ତ୍ତନ, ଡିଜିଟାଲ୍ ନିରୀକ୍ଷଣ, ବ୍ୟକ୍ତିଗତ ତଥ୍ୟ ସୁରକ୍ଷା, ନୂତନ ସମାଜିକ-ଆର୍ଥିକ ବିଷମତା, ଓ ପରିବେଶୀୟ ସଙ୍କଟ। ଏହି ଚ୍ୟାଲେଞ୍ଜମାନଙ୍କ ସମାଧାନ ନାଗରିକମାନଙ୍କ ସଚେତନ ଅଂଶଗ୍ରହଣ ଆବଶ୍ୟକ କରେ। ନ୍ୟାୟାଳୟ ଓ ସଂସଦ ସମ୍ବିଧାନକୁ ବଦଳାଇ ପାରନ୍ତି; କିନ୍ତୁ ସମ୍ବିଧାନର ଭବିଷ୍ୟତକୁ ଦିଶା ଦେଇଥାଏ ସଚେତନ ଓ ସମ୍ପୃକ୍ତ ଜନମତ। ତେଣୁ ନାଗରିକମାନେ କେବଳ ସମ୍ବିଧାନର ଅନୁଗାମୀ ନୁହେଁ; ସେମାନେ ମଧ୍ୟ ସମ୍ବିଧାନର ନିରନ୍ତର ସର୍ଜନାକାର।

ଭାରତୀୟ ସମ୍ବିଧାନ କେବଳ ଏକ ଆଇନ ନୁହେଁ; ଏହା ଏକ ସାମୂହିକ ସଙ୍କଳ୍ପ – ଏକ ନ୍ୟାୟପୂର୍ଣ୍ଣ ଓ ସମାନତାମୂଳକ ସମାଜ ଗଢ଼ିବାର ପ୍ରତିଶ୍ରୁତି। ସମ୍ବିଧାନର ସଫଳତା ସରକାର କେତେ ଭଲ କାମ କରୁଛି ତାହା ଉପରେ ନୁହେଁ; ବରଂ ନାଗରିକମାନେ କେତେ ସଚେତନ, ଦାୟିତ୍ୱଶୀଳ ଓ ନୀତିଶୀଳ ତାହା ଉପରେ ନିର୍ଭର କରେ। ନାଗରିକମାନେ ଯେତେବେଳେ ଅଧିକାରକୁ ସୁରକ୍ଷା କରନ୍ତି, କର୍ତ୍ତବ୍ୟ ପାଳନ କରନ୍ତି, ପ୍ରତିଷ୍ଠାନକୁ ସମ୍ମାନ କରନ୍ତି, ଲୋକତାନ୍ତ୍ରିକ ସଂସ୍କୃତିକୁ ମଜବୁତ କରନ୍ତି – ସମ୍ବିଧାନ ସେତେବେଳେ ସଠିକ ଢଙ୍ଗରେ କାର୍ଯ୍ୟକାରୀ ହୁଏ। ସମ୍ବିଧାନର ମୂଳମନ୍ତ୍ରକୁ ଆମ ଜୀବନ-ମନ୍ତ୍ର ଭାବେ ଗ୍ରହଣ କଲେ ହିଁ ସମ୍ବିଧାନ ଦିବସ ପାଳନର ମହତ୍ୱ ପ୍ରତିପାଦିତ ହେବ। ନାଗରିକଙ୍କ ଦାୟିତ୍ୱ ସ୍ପଷ୍ଟ – ସଚେତନତା, ସହିଷ୍ଣୁତା ଓ ନୀତିଶୀଳତାର ସହିତ ଭାରତୀୟ ସମ୍ବିଧାନକୁ ପୋଷଣ କରିବା। ଭାରତର ନାଗରିକମାନେ ଏହି ଦାୟିତ୍ୱ ପାଳନ କଲେ, ସମ୍ବିଧାନ ଭାରତକୁ ନ୍ୟାୟ, ମର୍ଯ୍ୟାଦା, ସ୍ୱାଧୀନତା ଓ ସାମାଜିକ ସମାନତାର ପଥରେ ଅଗ୍ରସର କରାଇବ।

ଭୁବନେଶ୍ୱର
୨୬ ନଭେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କିସ୍‌ରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଶାଲ୍ ଓ ସ୍ୱେଟର ବଣ୍ଟନ

ଭୁବନେଶ୍ୱର, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

ଶୀତଦିନ ଆସିଯାଇଥିବାରୁ କିସରେ ମଙ୍ଗଳବାର ଛାତ୍ରୀଙ୍କୁ ଶାଲ୍ ଓ ଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରାଯାଇଛି। ପ୍ରତିବର୍ଷ ଶୀତ ଦିନ ଅବ୍ୟବହିତ ପୂର୍ବରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସାଲ୍ ଓ ସ୍ୱେଟର ବ୍ୟବସ୍ଥା କରିଥାନ୍ତି। ଡ. ସାମନ୍ତ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଶୀତବସ୍ତ୍ର କ୍ରୟ କରିଥାନ୍ତି। ଚଳିତବର୍ଷ ଡ. ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବର ଲୁଧିଆନାରୁ କିସ୍ ଛାତ୍ରୀଙ୍କ ପାଇଁ ୨୦ ହଜାର ସାଲ୍ ଓ ଛାତ୍ରଙ୍କ ପାଇଁ ୨୦ ହଜାର ସ୍ୱେଟର କିଣାହୋଇ ଆସିଛି। ମଙ୍ଗଳବାର କିସ୍ ପରିସରରେ ସେମାନଙ୍କୁ ଏକ ବିରାଟ କାର୍ଯ୍ୟକ୍ରମରେ



ବଣ୍ଟନ କରାଯାଇଥିଲା। ଶାଲ୍ ଓ ସ୍ୱେଟର ପାଇ ଛାତ୍ରଛାତ୍ରୀମାନେ ବେଶ୍ ଖୁସି ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ଭେଟିଲେ ଅଏଲ୍ ଇଣ୍ଡିଆ ଟିମ୍

ଭୁବନେଶ୍ୱର, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କୁ ମଙ୍ଗଳବାର ଅଏଲ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ରଞ୍ଜିତ ରଥ, ସିଜିଏମ୍ ଶାନ୍ତନୁ କୁମାର ସାଇକିଆ, ଓଜିଇଏଲ୍ ରାଜୀବ କୁମାର ତାମୁଲି ଏବଂ କମ୍ପାନୀର ଅନ୍ୟମାନଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ଖାରବେଳ ଭବନରେ ଏହି ସାକ୍ଷାତ ଅବସରରେ ସମଗ୍ର ଓଡ଼ିଶାରେ ବିକଶିତ ହେଉଥିବା ଛଅଟି କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟର ଅଗ୍ରଗତି ଉପରେ ଏହି ଦଳ ଆଲୋଚନା କରିଥିଲେ।

ଏହି ବୈଠକରେ ପ୍ରକଳ୍ପର ସମୟସୀମା, କାର୍ଯ୍ୟକ୍ଷମ କରିବା ପାଇଁ ପ୍ରସ୍ତୁତି ଏବଂ ନିମୟିତ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପୌର ବର୍ଜ୍ୟ ପ୍ରଣାଳୀ ସହିତ ଏକୀକରଣ ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶାର ବ୍ୟାପକ ସ୍ୱଚ୍ଛ-ଶକ୍ତି ଏବଂ ଗତିଶୀଳ-ଅର୍ଥବ୍ୟବସ୍ଥା ଦୃଷ୍ଟିକୋଣର ଅଂଶବିଶେଷ ଭାବେ ସହରାଞ୍ଚଳର ବର୍ଜ୍ୟବସ୍ତୁଗୁଡ଼ିକୁ ସବୁଜ ଶକ୍ତିରେ ପରିଣତ କରିବା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀମତୀ ପାଢୀ ସ୍ଥାୟୀ ବର୍ଜ୍ୟରୁ ଶକ୍ତି ମଡେଲକୁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ ଯାହା ବର୍ଜ୍ୟ ବୋଝକୁ ହ୍ରାସ ଏବଂ ସ୍ଥାନୀୟ ଅର୍ଥନୀତିରେ ଯୋଗଦାନ କରିବ। ଅଏଲ ଇଣ୍ଡିଆ ପ୍ରତିନିଧି ଦଳ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବାରେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଏବଂ ବିଭାଗ ସହିତ ଘନିଷ୍ଠ ସହଭାଗିତା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଅଏଲ ଇଣ୍ଡିଆ ଏବଂ ପୌରସଂସ୍ଥା ମଧ୍ୟରେ ତ୍ୱରାନ୍ୱିତ ସମନ୍ୱୟ ପାଇଁ ଏକ ରାଜିନାମା ସହିତ ବୈଠକ ସମାପ୍ତ ହୋଇଥିଲା ଯାହା ଦ୍ୱାରା ସିବିଜି ପ୍ଲାଣ୍ଟଗୁଡ଼ିକ ଏକ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ରାଜ୍ୟର ସବୁଜ-ଅଭିବୃଦ୍ଧି ଏଜେଣ୍ଡାରେ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବ। ଆଲୋଚନା ସମୟରେ ଅତିରିକ୍ତ ସଚିବ ବିନୟ କୁମାର ଦାଶ ଉପସ୍ଥିତ ଥିଲେ।

# ଆଜି ମହାପ୍ରଭୁଙ୍କ 'ଘୋଡ଼ ଲାଗି' ନୀତି

ପୁରୀ, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

ବୁଧବାର ମାର୍ଗଶୀର ମାସ ଶୁକ୍ଳ ଷଷ୍ଠୀରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଓଢ଼ଣଷଷ୍ଠୀ ପର୍ବ। ଶୀତର ପ୍ରକୋପରୁ ବଞ୍ଚିବାପାଇଁ ମହାପ୍ରଭୁଙ୍କ 'ଘୋଡ଼ ଲାଗି' ନୀତି ହେବ। ଠାକୁରେ ଶୀତବସ୍ତ୍ର ପରିଧାନ କରିବେ। ଶ୍ରୀମନ୍ଦିରର ପାରମ୍ପରିକ ଦର୍ଜି ସେବକ ଏହି ଘୋଡ଼ ପ୍ରସ୍ତୁତି କରି ଶ୍ରୀମନ୍ଦିର ଗାରଦ ଜିମା ଦେଇଛନ୍ତି। ମଙ୍ଗଳବାର ଘୋଡ଼ ସବୁ ଅଧିବାସ ହୋଇଥିଲା। ପଞ୍ଚମୀ ରାତିରେ ଚନ୍ଦନଲାଗି ନୀତି ସରିଲେ ଠାକୁରଙ୍କ ଘୋଡ଼ ଅଧିବାସ ହେବ। ପଟନୀ, ଗୀତଗୋବିନ୍ଦ ପାଟ ଓ ସୂତାପୁଟାରେ ନିର୍ଦ୍ଦିଷ୍ଟ ମାପ ଅନୁସାରେ ଠାକୁରଙ୍କ ଶୀତ ବସ୍ତ୍ର ତିଆରି କରାଯାଇଛି।

# ଖରିଫ ଧାନ ସଂଗ୍ରହ ନେଇ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ : ୩୫୭୦ ମଣ୍ଡିରେ କିଣା ହେବ ଧାନ

ଭୁବନେଶ୍ୱର, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

୨୦୨୫-୨୬ ଖରିଫ ଫସଲ ପାଇଁ ଧାନ ସଂଗ୍ରହ ଉପରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ୨୦୨୩-୨୪ ବର୍ଷରେ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨୦୨୪-୨୫ ବର୍ଷରେ ମୋଟ ୯୨ ଲକ୍ଷ



ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି ଏବଂ ଗତ ବର୍ଷ ୨.୨୬ ଲକ୍ଷ ଟୋକନ୍ ପୁନଃ ବୈଧ କରାଯାଇଥିଲା।

ଓଡ଼ିଶା ହେଉଛି ଶୀର୍ଷ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁଠାରେ ଚାଷୀମାନେ ୪୮ ଘଣ୍ଟା ମଧ୍ୟରେ ଦ୍ରୁତତମ ଦେୟ ପାଆନ୍ତି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, କେବଳ ଯେଉଁ ମିଲରମାନେ ସରକାରଙ୍କ ପାଖରେ କୌଣସି ବକେୟା ରଖି ନାହାନ୍ତି, ସେମାନେ ହିଁ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ। ସମସ୍ତ ୩୦ଟି ଜିଲ୍ଲାରେ ୧୦୦% ସାଟେଲାଇଟ୍ ଯାଞ୍ଚ ଚାଲିଛି। ଯେହେତୁ ଅଣ-ଧାନ ଚାଷୀଙ୍କୁ ଧାନ ବିକ୍ରୟ ପାଇଁ ପଞ୍ଜିକରଣ ଅନୁମତି ନାହିଁ, ଯଦି ଏପରି ବ୍ୟକ୍ତିଙ୍କୁ ଧରାଯାଏ ତେବେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ। ମଣ୍ଡିରେ ଚାଷୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି, ଯେକୌଣସି ଅଭିଯୋଗର ସମାଧାନ କିମ୍ବା ସହାୟତା ପାଇଁ ଚାଷୀମାନେ ଟୋଲ୍ ଫ୍ରି ନଂ-୧୯୬୭କୁ କଲ୍ କରିପାରିବେ।

ମଙ୍ଗଳବାରଠାରୁ ଧାନ କ୍ରୟ ଆରମ୍ଭ ହୋଇଛି। ତୃଣମୂଳସ୍ତରରେ ଏହାର ସୁଗମ ପରିଚାଳନା ଏବଂ ସମନ୍ୱୟ ପାଇଁ ତଦନୁସାରେ ବ୍ୟବସ୍ଥା କରାଯାଇଛି। ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ମୋଟ ସକ୍ରିୟ ୩୫୭୦ଟି ମଣ୍ଡି ପ୍ରସ୍ତୁତ କରାଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ ବିଭାଗ ଶାସନ ସଚିବ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଗମ ଓ ସୁପରିଚାଳିତ କରିବା ପାଇଁ ସୁନିଶ୍ଚିତ ମତାମତ ପୋଷଣ କରିଥିଲେ।

# ଶିଶୁ ଯୌନ ନିର୍ଯାତନା ମାମଲାରେ ଏନସିପିସିଆର ସହିତ ଯୋଗାଯୋଗ କରନ୍ତୁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୧୧

ଇସ୍କନ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକରେ ଶିଶୁ ଯୌନ ନିର୍ଯାତନାର ତଦନ୍ତ ପାଇଁ ଆବେଦନକାରୀମାନଙ୍କୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ନିକଟରେ ସେମାନଙ୍କର ଅଭିଯୋଗ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ଭି. ନାଗାରଥନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଯଦି ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଭିଯୋଗ ପାଏ, ତେବେ ସେମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକୁ ବିଚାର କରିବା ଉଚିତ। କୋର୍ଟ ଆବେଦନକାରୀମାନଙ୍କୁ ସେମାନଙ୍କର ଅଭିଯୋଗଗୁଡ଼ିକୁ ନୂତନ ଭାବରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆବେଦନ ରଜନୀଶ କପୁର ଏବଂ ଅନ୍ୟ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିଲା।



ଆବେଦନରେ ଇସ୍କନ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକରେ ପିଲାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ମାମଲାର ତଦନ୍ତ ପାଇଁ ଆବେଦନ କରାଯାଇଥିଲା। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ଆଭ୍ୟନ୍ତରୀଣ ଦଲିଲଗୁଡ଼ିକ ଯୌନ ନିର୍ଯାତନାର ଗମ୍ଭୀର ଅଭିଯୋଗ ପ୍ରକାଶ କରିଛି। ଅଭିଯୋଗ ଦାଖଲ କରାଯାଇଥିଲା, କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଆବେଦନକାରୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଗାମୀ ଦଶନ୍ଧିରେ ଭାରତ ଜାହାଜ ନିର୍ମାଣ ଓ ମରାମତି ଏବଂ ସାମୁଦ୍ରିକ ନବସୃଜନ ପାଇଁ ବିଶ୍ୱ କେନ୍ଦ୍ର ହେବ : ରାଜନାଥ

ନୂଆଦିଲ୍ଲୀ, ୨୫।୧୧

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଶା ବ୍ୟକ୍ତ କରିଛନ୍ତି ଯେ, ଆଗାମୀ ଦଶନ୍ଧିରେ ଭାରତ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ସାମୁଦ୍ରିକ ନବସୃଜନ ପାଇଁ ଏକ ବିଶ୍ୱ କେନ୍ଦ୍ର ହେବ। ସେ କହିଛନ୍ତି ଯେ, ଆଜି ଭାରତ ବିମାନ ବାହକଠାରୁ ଆରମ୍ଭ କରି ଉନ୍ନତ ଗବେଷଣା ଜାହାଜ ଏବଂ ଶକ୍ତି-ଦକ୍ଷ ବାଣିଜ୍ୟିକ ଜାହାଜ ପର୍ଯ୍ୟନ୍ତ ସବୁକିଛି ଯୋଗାଇବାରେ ସକ୍ଷମ। ବିଶ୍ୱର ସାମୁଦ୍ରିକ ଇତିହାସରେ ଭାରତର ଏକ ପରିଚୟ ରହିଛି। ଆମର ପୂର୍ବପୁରୁଷଙ୍କ ପାଇଁ ସମୁଦ୍ର ସୀମା ନଥିଲା; ସେମାନେ ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କର ସେତୁ ଥିଲେ। ଆଜି, ଏହି ଐତିହ୍ୟକୁ ସମ୍ମାନ ଜଣାଇ, ଆମେ ପୁରୁଣା ସ୍ମୃତି ସହିତ ପଛକୁ ଚାହିଁବୁ ନାହିଁ,




ବରଂ ଉଦ୍ଦେଶ୍ୟ ସହିତ ଆଗକୁ ଚାହିଁବୁ।

ପ୍ରତିରକ୍ଷା ମନ୍ତ୍ରୀ ମଙ୍ଗଳବାର ଦିନ ନୂଆଦିଲ୍ଲୀରେ 'ସମୁଦ୍ର ଉତ୍କର୍ଷ' ସେମିନାରରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ଯେ, ଆମର ପୂର୍ବପୁରୁଷମାନେ କେବଳ ମସଲା, କପା ଏବଂ ମୁକ୍ତା ବ୍ୟବସାୟ କରିନଥିଲେ, ବରଂ ମହାଦେଶଗୁଡ଼ିକରେ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ସଂସ୍କୃତି ମଧ୍ୟ ବହନ କରୁଥିଲେ। ସାମୁଦ୍ରିକ ବାଣିଜ୍ୟ ଉପରେ ଭାରତର ନିର୍ଭରଶୀଳତା ବିଶେଷ ଭାବରେ ଅଧିକ। ପରିମାଣ ଅନୁସାରେ ଭାରତର ପ୍ରାୟ ୯୫ ପ୍ରତିଶତ ବାଣିଜ୍ୟ ଏବଂ ମୂଲ୍ୟ ଅନୁସାରେ ପ୍ରାୟ ୭୦ ପ୍ରତିଶତ ସମୁଦ୍ର ପଥରେ ପରିବହନ କରାଯାଏ। ଏହା ଭାରତ ମହାସାଗରରେ ଭାରତର ରଣନୈତିକ ସ୍ଥିତି ଏବଂ ଏହାର ୭,୫୦୦ କିଲୋମିଟର ଲମ୍ବା ଉପକୂଳ ହେତୁ ମଧ୍ୟ। ଏହି ପରିବହନ ପଦ୍ଧତି ମହାଦେଶଗୁଡ଼ିକ ମଧ୍ୟରେ ବଲ୍କ କାର୍ଗୋ ପରିବହନ, ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସୁଗମ କରିବା ଏବଂ ଜାତୀୟ ଅର୍ଥନୀତିକୁ ସମର୍ଥନ କରିବା ପାଇଁ ସବୁଠାରୁ ସୁଲଭ ଏବଂ ଦକ୍ଷ ଉପାୟ ଅଟେ।

# ସିରିଜ୍ ଦୁର୍ଘଟଣା କଲା ସ୍କର୍ପିଓ : ଜଣେ ମହିଳା ମୃତ, ୩ ଗୁରୁତର

ରାଉରକେଲା, ୨୫।୧୧:ନ୍ୟୁଜ୍‌ବ୍ୟୁରୋ

ସିରିଜ ଦୁର୍ଘଟଣା କଲା ସ୍କର୍ପିଓ। ସ୍କର୍ପିଓ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତିନି ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ଦକ୍ଷିଣ ରାଉରକେଲାର ଜଳଦା ସି ବ୍ଲକ ଛକସ୍ଥିତ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ଘଟିଥିଲା।

ସୂଚନା ଅନୁସାରେ, ଗୋଟିଏ ସ୍କର୍ପିଓ ଲାଠିକଟା ପଟୁ ରାଉରକେଲା ଆଡ଼କୁ ଆସୁଥିଲା। ଜଳଦା ସି ବ୍ଲକ ଛକରେ ଚାଳକ ଭାରସାମ୍ୟ ହରାଇ ସ୍କର୍ପିଓ ପ୍ରଥମେ ବସ୍‌କୁ ଅପେକ୍ଷା କରିଥିବା ମହିଳାଙ୍କୁ ଧକ୍କା ଦେଇଥିଲା। ପରେ ଡିଭାଇଡର ଭାଙ୍ଗି ସର୍ଭିସ ରୋଡ଼ରେ ଛିଡ଼ା ହୋଇଥିବା ୩ ଜଣଙ୍କୁ ଧକ୍କା ମାରି ଗୋଟିଏ କାର୍ ଓ ବୁଲେଟ୍‌କୁ ଧକ୍କା ଦେଇଥିଲା। ଜଳଦା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉତ୍ତମ ଚିକିତ୍ସା ଲାଗି ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ସରକାରୀ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ମୃତ ମହିଳା ଓ ତିନି ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ। ଅନ୍ୟ ପକ୍ଷରେ ପୁଲିସ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।




## ଭିଜିଲାନ୍ସ ଜାଲରେ ଏଆରଆଇ



କେନ୍ଦ୍ରାପଡ଼ା, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ପଞ୍ଝାରେ ଏଆରଆଇ। ଲାଞ୍ଚ ନେଲା ବେଳେ ଧରାପଡ଼ିଲେ ନିକିରାଇ ରାଜସ୍ୱ ସର୍କଲ ଏଆରଆଇ ଅଭିମନ୍ୟୁ ବେହେରା। ଜମିର କିସମ ପରିବର୍ତ୍ତନ ପାଇଁ ଜମି ମାଲିକଙ୍କ ଠାରୁ ନେଉଥିଲେ ୧୨ ହଜାର ଟଙ୍କା। ଭିଜିଲାନ୍ସ ଟିମ୍ ତାଙ୍କ ଠାରୁ ଟଙ୍କା ଜବତ କରିଛି । ଅଭିମନ୍ୟୁ ବେହେରାଙ୍କ ପୈତୃକ ଘର ଆଳି, ବାସଭବନ ଗରାପୁର ଓ ଅଫିସ୍ ଏକକାଳୀନ ଭିଜିଲାନ୍ସ ରେଡ୍ ଚାଲିଛି।

# ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ : ୩ ନିଶା ମାଫିଆ ଗିରଫ

ଜଳେଶ୍ୱର, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ସୀମାନ୍ତରେ ଅବସ୍ଥିତ ଜଳେଶ୍ୱର। ଏଠାରେ ଦିନକୁ ଦିନ ବିଭିନ୍ନ ନିଶା ଦ୍ରବ୍ୟ ବଢ଼ି ଚାଲିଛି। ପ୍ରକାଶ ଥାଉକି ନିଶା ବେପାରୀ ଡାଳେ ଡାଳେ ଗଲେ ପୁଲିସ ପତ୍ରେ ପତ୍ରେ। କହିବାକୁ ଗଲେ ଜଳେଶ୍ୱର ପୁଲିସ ସ୍ଥାନୀୟ ରାଜପୁର ସାହାଜାମାଲରୁ ୨ଜଣ ନିଶା ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରୁ ୧୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ପୁଲିସ ବାଲିଆପାଳ ଥାନା ଡଗରା ଅଞ୍ଚଳର ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ଜଳେଶ୍ୱରକୁ ବ୍ରାଉନସୁଗାର କିଣିବା ପାଇଁ ଆସିଥିଲେ। ଏଠାରେ ବ୍ରାଉନସୁଗାର କିଣି ଫେରିବା ସମୟରେ ଜଳେଶ୍ୱର ପୁଲିସ ସେମାନଙ୍କୁ କାବୁ କରିଥିବା ଜଣାପଡ଼ିଛି। ସେହିପରି ଜଳେଶ୍ୱର ଅବକାରୀ ସାଟେଲାଇଟ୍ ୟୁନିଟ୍ ପକ୍ଷରୁ ଚଢ଼ଉ କରି ୪୨ ଗ୍ରାମ୍ ବ୍ରାଉନସୁଗାର ସହ ଜଣେ ୩୬ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ହେଲା ନୀଳଗିରି ଥାନା ଅଯୋଧ୍ୟା ଗ୍ରାମର ସନ୍ତୋଷ କୁମାର ପରିଡ଼ା। ସନ୍ତୋଷ ମଙ୍ଗଳବାର ଅପରାହ୍ଣ ୯ଟା ସମୟରେ ଏକ ହିରୋହୁଣ୍ଡା ଗ୍ଲାମର ବାଇକ୍‌ରେ ଚାଳନ୍ତି ରେଳ ଓଭରବ୍ରିଜ୍ ନିକଟରେ ଯାଉଥିବା ବେଳେ ଇନ୍ସପେକ୍ଟର ଲକ୍ଷ୍ୟସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ତାକୁ ମାଡ଼ି ବସିଥିଲା। ସନ୍ତୋଷର ବ୍ୟାଗରୁ ୪୨ ଗ୍ରାମ୍ ବ୍ରାଉନସୁଗାର ଜବତ୍ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

# ୭୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି କରିବ ଲେବର କୋଡ୍ : ଏସ୍‌ବିଆଇ ରିସର୍ଚ୍ଚ

ନୂଆଦିଲ୍ଲୀ, ୨୫।୧୧

ଭାରତ ସରକାରଙ୍କ ଦ୍ୱାରା ନିକଟରେ ଲାଗୁ ହୋଇଥିବା ଚାରୋଟି ନୂଆ ଶ୍ରମ ସଂହିତା ମଧ୍ୟମ ଅବଧିରେ ନିଯୁକ୍ତି ଏବଂ ଅର୍ଥନୀତିକୁ ବଡ଼ ପ୍ରୋତ୍ସାହନ ଦେବ ବୋଲି ଏସବିଆଇ ରିସର୍ଚ୍ଚ ତା'ର 'ଇକୋର୍ୟାପ୍' ରିପୋର୍ଟରେ ପ୍ରକାଶ କରିଛି।

ମଙ୍ଗଳବାର ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ନୂଆ ଶ୍ରମ ସଂହିତା ଲାଗୁ ହେବା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୭୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାର ଆଶା କରାଯାଉଛି। ଏହା ବେକାରୀ ହାରକୁ ପ୍ରାୟ ୧.୩% ହ୍ରାସ କରିବାର ସମ୍ଭାବନା ଅଛି। ଏହି ସମୟରେ ଦେଶରେ ଉପଭୋକ୍ତା ଖର୍ଚ୍ଚରେ ପ୍ରାୟ ୭୫,୦୦୦ କୋଟି ଟଙ୍କାର ବୃଦ୍ଧି ହେବାର ଆକଳନ କରାଯାଇଛି।

ଏହି କୋଡ୍‌ଗୁଡ଼ିକ ଶ୍ରମିକଙ୍କ କାର୍ଯ୍ୟକୁ ଆନୁଷ୍ଠାନିକ କରିବାରେ ଅତିକମ୍‌ରେ ୧୫% ବୃଦ୍ଧି ଘଟାଇବ। ବର୍ତ୍ତମାନ ୬୦.୪% ଥିବା ଆନୁଷ୍ଠାନିକ ଶ୍ରମିକଙ୍କ ଅଂଶଧନ ବୃଦ୍ଧି ପାଇ ୭୫.୫% ରେ ପହଞ୍ଚିବ। ଏସବିଆଇ ରିସର୍ଚ୍ଚ କହିଛି ଯେ ଅବସରକାଳୀନ ସୁବିଧା ବୃଦ୍ଧି ପାଉଥିବାରୁ କର୍ମଚାରୀଙ୍କ ମାସିକ ହାତରେ ମିଳୁଥିବା ଦରମା କମିପାରେ। କାରଣ ନୂଆ ମଜୁରୀ କୋଡ୍ ଅନୁଯାୟୀ, ମୂଳ ବେତନ 'କଷ୍ଟ ଟୁ କମ୍ପାନୀ'ର ଅତିକମ୍‌ରେ ୫୦% ହେବା ବାଧ୍ୟତାମୂଳକ।

# ଡିଭାଇଡର୍ ଭାଙ୍ଗି କଣ୍ଟେନର୍ ସହ ପିଟିହେଲା ବୋଲେରୋ : ଘଟଣାସ୍ଥଳରେ ଚାଲିଗଲା ୩ ଜୀବନ, ୨ ଗୁରୁତର

ଟାଙ୍ଗୀ, ୨୫।୧୧
ନ୍ୟୁଜ୍‌ବ୍ୟୁରୋ

୧୬ ନଂ ଜାତୀୟ ରାଜପଥ କଟକଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଚୁଆ ରଜକଣା ଛକରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ବୋଲେରୋ ଡିଭାଇଡର୍ ଭାଙ୍ଗି ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା ଦୁଇଜଣ ଗୁରୁତର ହୋଇଥିଲେ। ଟାଙ୍ଗୀ ପୁଲିସ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ୩ଟା ୫୦ ମିନିଟ୍ ସମୟରେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ବୋଲେରୋ ଡିଭାଇଡର୍ ଭାଙ୍ଗି ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ପିଟି ହୋଇଥିଲା। ଉକ୍ତ କଣ୍ଟେନର ଭୁବନେଶ୍ୱରରୁ ଚଣ୍ଡିଖୋଲ ଆଡ଼କୁ ଯାଉଥିଲା। ବୋଲେରୋରେ ଖଣିରେ କାମ କରୁଥିବା ଲୋକ ଥିଲେ।




ଦୁର୍ଘଟଣା ଏତେ ଭୟାନକ ଥିଲା ଯେ ଘଟଣାସ୍ଥଳରେ ବୋଲେରୋରେ ଥିବା ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା ଦୁଇଜଣ ଗୁରୁତର ହୋଇଥିଲେ। ଟାଙ୍ଗୀ ପୁଲିସ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଛି। ତେବେ କଣ୍ଟେନରର କିଛି କ୍ଷତି ହୋଇନାହିଁ କି ସେଥିରେ ଥିବା ଚାଳକ ବା ହେଲପର କେହି ହତାହତ ହୋଇନାହାନ୍ତି। ପୁଲିସ ଉଭୟ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।